ବୈଜ୍ଞାନିକ

ମୁଦୋକ

Digitized by srujanika@gmail.com

ବୈଜ୍ଞାନିକ

ଲେମାର୍କ

ଗୋରଚନ୍ଦ୍ର ମିଶ୍ର

Digitized by srujanika@gmail.com

ପୁନର୍ମୁଦ୍ରଣ—୧୯୮୯

ମୂଲ୍ୟ

JANASHAKTI PUSTAKALAYA
CUTTACK-2
5.00

ଜନଶକ୍ତି ପୁସ୍ତକାଳୟ, ବାଙ୍କାବଜାର, କଟକ-୨ଙ୍କ
ତରଫରୁ ଏନ୍. ଏଲ୍. ଗୁପ୍ତଙ୍କଦ୍ୱାରା ପ୍ରକାଶିତ ଓ
ବିମଳା ପ୍ରେସ୍, କଟକ-୨ରେ ମୁଦ୍ରିତ ।

Digitized by srujanika@gmail.com

ପିଲାଙ୍କୁ ବୁଢ଼ୀମାଆଙ୍କ ଗପ ଶୁଣିବାକୁ ଭାରି ଭଲ ଲାଗେ । ସେମାନେ ଏଥିଲାଗି ଭୋକ ଶୋଷ ଭୁଲିଯାଆନ୍ତି ।

ବୁଢ଼ୀମାଆଙ୍କୁ ଘେରି ବସିଛନ୍ତି ତିନୋଟି ନାତି । ନଆଁ ପୁଆଁ ଚାଲିଛି, ଗପ ଶୁଣା ଚାଲିଛି । ବୁଢ଼ୀମାଆ କହିଚାଲିଛନ୍ତି ଆଲ୍ଲାଦିନଙ୍କ କୁହୁକ ଦୀପ ଗପ । ଯାଦୁକର ଆଲ୍ଲାଦିନ । ତାଙ୍କ ଦୀପ ଭିତରୁ କେତେ ନା କ'ଣ ବାହାରେ ।

ମୂଦ୍ଧେଁକ ପରିବାର ତିନି ଭାଇ । ଶୁଣନ୍ତି, ଆଶ୍ଚର୍ଯ୍ୟ ହୋଇ-ପଡ଼ନ୍ତି । ପଶ୍ଚରଇଜର ଗପ ଭଳି ବେଶ୍ ମଜା ମଜା କଥା । ଦୀପର କ୍ଷୀଣ ଆଲୋକଦ୍ୱାରା କାନ୍ଥମାନଙ୍କରେ ଯେଉଁ ଛାଇ ପଡ଼େ ସେସବୁ ନାଟକର ରଜାରାଣୀ ଭଳି ଗପର ଚରିତ୍ର ହୋଇ ଠିଆ ହୁଅନ୍ତି । ବୁଢ଼ୀମାଆ ସେମାନଙ୍କ ଛାଇକୁ ଦେଖାଇ କହନ୍ତି—ଏଇଟା ଅସୁର, ଏଇଟା ଅସୁରୁଣୀ ଇତ୍ୟାଦି ଇତ୍ୟାଦି । ରଙ୍ଗମଞ୍ଚରୁ ବିଭିନ୍ନ ଅଭିନେତା-ଅଭିନେତ୍ରୀ ଉଭେଇଗଲା ଭଳି ଏଇ ଛାଇଗୁଡ଼ିକ ମଧ୍ୟ ଉଭେଇ ଯାଆନ୍ତି ।

ସବୁ ଦିନ ଭଳି ସେଦିନ ରାତିରେ ମଧ୍ୟ ଗପ ଚାଲିଛି । ହଠାତ୍ ତିନି ଭାଇଙ୍କ ଭିତରୁ ଉଇଲ୍ୟମ କାହିଁକି କେଜାଣି ଭାରି ବିଚଳିତ ହୋଇପଡ଼ିଲେ । ସେ ଅନ୍ୟମନସ୍କ ଥିବା ଦେଖି ତାଙ୍କର ଦୁଇ ଭାଇ ମଝି ମଝିରେ ତାଙ୍କୁ ଟିକିଏ ହଲେଇ ଦେଇ କହନ୍ତି—ଉଲି, ଆରେ ଶୁଣୁଛୁ ନା କ'ଣ ସବୁ ଭାବୁଛୁ ?

ବୁଢ଼ୀମା ମଧ୍ୟ କହିଲେ—ଉଲି ତ ଗପ ଶୁଣୁନି, କହିବି କାହିଁକି ?

Digitized by srujanika@gmail.com

ଉଇଲପ୍ଷମ ବାସ୍ତବରେ ଗପ ଶୁଣୁ ନ ଥିଲେ । ହଠାତ୍ ପଚ଼ାରିଲେ—ଆଚ୍ଛା ବୁଢ଼ୀମା, ସେ ଉମେଇଟା ଜଳୁଛି କମିତ ?

—କାହିଁକ, କୋଇଲରେ ।

—ଘର ଉଜ୍ଜ୍ୱଳ ଆଲୁଅ ତ !

ଉଇଲପ୍ଷମ ଉମେଇ ପାଖକୁ ଲଗି ଆସି ନଅାଁଟା କମିତ ଜଳୁଛି ଦେଖିଲେ । ଅନ୍ୟ ଦୁଇ ଭାଇ ମଧ୍ୟ ଉଇଲ ପ୍ରକୃତରେ କ'ଣ ଦେଖୁଛି ଜାଣିବାପାଇଁ ତାଙ୍କ ପାଖକୁ ଲଗିଆସିଲେ ।

ବୁଢ଼ୀମା କହିଲେ—ମତେ ଗପ ଆଲୁଅ ଭଲ ଲଗେନା । ଘରଯାକ ଧୂଆଁ ହୋଇଯାଏ । ଘର ଅପରିଷ୍କାର । ଏଠି ଉମେଇ ଜାଳ ନଅାଁକୁ ନଅାଁ ପୁଆଁ ହେଉଛି, ବେଶ୍ ମୁହଁକୁ ମୁହଁ ଦେଖାଯାଉଚ । ଟିକଏ ହେଲେ ଧୂଆଁ ନାହିଁ । ତୁମେମାନେ ଶୁଣିଲେ ଏଠିକ ଆସି ପଡ଼ି ପାର ?

ଉଇଲ ପଚାରିଲ—ଆଚ୍ଛା ବୁଢ଼ୀମା, କୋଇଲରେ ଅବଶ୍ୟ ନଅାଁ ହୁଏ, କନ୍ତୁ ହକ୍ ହକ୍ ହୋଇ ଶିଖା ଉଠାଇ ଜଳେନା ତ ! ଇଏ କ ରକମର କୋଇଲ ।

ବୁଢ଼ୀମା କହିଲେ—କୋଇଲ ଗୁଣ୍ଡରୁ ଏହି ନଅାଁ ହେଉଛି ।

ଉଇଲପ୍ଷମ ବୁଢ଼ୀମାଠାରୁ କଚ୍ଚିଟା ପ୍ୟାରେଟ ବା ଗୁଣ୍ଡ କୋଇଲ ନେଇ କହିଲ—ମୁଁ ଏକ ନୂଆ ପ୍ରକାରର ଲ୍ୟାମ୍ପ ତିଆରି କରିବାକୁ ଭାବଛି । ଦେଖି କ'ଣ ହେଉଛି !

ଟିକଏ ଦୂରରେ ମୁର୍ଡୋକ ପରିବାର ରହନ୍ତି । ଉଇଲପ୍ଷମ ସିଧାସଳଖ ସେଷେଇଘରେ ପଶି ନିଜ ମାଆଙ୍କ ପାଖରେ ହାଜର । ମାଆ ଦେଖିଲେ ଉଇଲ କ'ଣ ଗୋଟେ ଖୋଜିବାରେ ବ୍ୟସ୍ତ । କ'ଣ ଖୋଜୁଛୁ ବୋଲ ପଚାରିବାରେ ଉଇଲପ୍ଷମ କହିଲେ—ଆଚ୍ଛା ମା, ଆମର ପୁରୁଣାପୁରୁଣି କେଟ୍‌ଲ ଅଛି କ ?

Digitized by srujanika@gmail.com

ଆଉ ଦିନେ ଉଲ ଠିକ୍ ଇମିତ ରୋଷେଇଘରେ ପଶି ଗୋଟାଏ ଫୋର୍କ ବା କଣ୍ଟା ନେଇ ପଳାଇଥିଲା, ଏବେ ପୁଣି ଏକ କେଟ୍‌ଲିଟାଏ ଦରକାର !

ଉଇଲୟମଙ୍କ ଉପର ଘରୁ ହଠାତ୍ କହିଉଠିଲେ—ନା ମା, ଆମ ଉଲ ଟି-ପଟରେ ଗୋଟାଏ ମେଜିକ ଲ୍ୟାମ୍ପ୍ ତିଆରି କରିବା ଲଗି ଖୋଜୁଁଛି ।

ଆଚ୍ଛା, ଆଚ୍ଛା କହି ମା ସେଲ୍‌ଫ ଉପରେ ଥିବା ଗୋଟିଏ ଟି-ପଟ ବାହାର କରି କହିଲେ—ପୁରୁଣା ଗିନା, ଏଇଟା ଭଲ ଅଛି । ଦରକାର ଯଦି ଏଇଟା ନେଇ ଯାହା କରୁଛୁ କର ।

ସେଦିନ ରାତିଯାକ ଉଇଲୟମ ଟି-ପଟ ଲ୍ୟାମ୍ପ ତିଆରି କରିବାରେ ବ୍ୟସ୍ତ । ତା ଆରଦିନ ସ୍କୁଲ୍ ଛୁଟି ଥିଲା । ସେ ଦିନଟିଯାକ ଉଇଲୟମର ସେହି କାମରେ ଗଲା । ଚାହାଖିଆ ପରେ କ୍ରମଶଃ ରାତି ହୋଇ ଆସିବାରେ ବାପା ଟେବୁଲଦୀପ ଜାଳିବାକୁ ବାହାରିଲେ ।

ହଠାତ୍ ଉଲ ଆସି କହିଲେ—ଟିକିଏ ଅପେକ୍ଷା କର, ମୁଁ ଗୋଟାଏ ନୂଆ ରକମର ଦୀପ ତିଆରି କରିଛି । ତାକୁ ଜାଳି ଦେଖିବା । ବାପା ଉଇଲୟମର କାରିଗରୀ ଶକ୍ତିକୁ ଜାଣନ୍ତି । ନୂଆ ନୂଆ କଥା ଉଦ୍ଭାବନ କରିବାରେ ତାର ବଡ଼ ଉତ୍ସାହ । କିଛି ସମୟ ପରେ ଉଇଲୟମ ଟି-ପଟଟାଏ ଧରି ବାପାଙ୍କ ପାଖକୁ ଆସିଲେ । ବାପା ଟି-ପଟକୁ ଦେଖିବା ମାତ୍ରେ ଉଇଲୟମକୁ କହିଲେ—ମୁଁ ତ ଚାହା ଖାଇ ସାରିଲଣି । ଅତି ବେଶୀ ଗୁଡ଼ାଏ ଖାଇବା ଭଲ ନୁହେଁ ।

ଉଇଲୟମ ଯେ ଏହା ଭିତରେ ଆଲୁଅ ଜାଳିବାର ବ୍ୟବସ୍ଥା କରିଛି, ଏକଥା ସେ କଳ୍ପନା ସୁଦ୍ଧା କରି ନ ଥିଲେ । ଉଇଲୟମ ଟି-ପଟ୍‌ଟିକୁ ଆଣି ବାପାଙ୍କ ପାଖରେ ରଖି ଗୋଟିଏ କାଠିକୁ ରୋଷେଇ ଘର ଚୁଲିରୁ ଜଳେଇ ଆଣିଲେ । ସେ ଜଳନ୍ତା କାଠିଟିକୁ

Digitized by srujanika@gmail.com

ଟି-ପଟ୍ ଭିତରେ ଭର୍ତ୍ତି କରିଦେବା ମାତ୍ରେ ତା ଭିତରେ ହଠାତ୍ ଗୋଟାଏ ଶବ୍ଦ ହେଲା । ସିଁ ସିଁ ଶବ୍ଦ । ପୁଣି ତା ଭିତରୁ ଖଣ୍ଡିଏ କାଠିରେ ନିଆଁ ଜଳେଇ ଆଣି ଟି-ପଟ୍‌ର ଶୁଣ୍ଢ ମୁହଁରେ ଲଗାଇ ଦେବାମାତ୍ରେ ଉଜ୍ଜ୍ୱଳ ଦୀପଶିଖା ଜଳିଉଠିଲା । ଉଜ୍ଜ୍ୱଳ ଆଲୁଅରେ ଟେବୁଲ ଚାରିପାଖେ ବସିଥିବା ସମସ୍ତଙ୍କ ମୁହଁ ଉଜ୍ଜ୍ୱଳ ଦେଖାଗଲା । ଘରର ତେଲଦୀପ ତୁଳନାରେ ଏହା ଅଧିକ ଆଲୁଅ ଦେଉଥିବା ଦେଖି ସମସ୍ତେ ବିସ୍ମିତ ହୋଇପଡ଼ିଲେ ।

'ଇଏ କ'ଣ ଭଲି' ! ବାପା ଆଶ୍ଚର୍ଯ୍ୟ ହୋଇ ପଚାରିବା ମାତ୍ରେ ପୁଅମାନଙ୍କ ଭିତରୁ ଜଣେ ଅତି ଉତ୍ସାହିତ ହୋଇ କହିଲା—ବାପା, ଇଏ ପରା ଆଲ୍ଲାଦିନଙ୍କ କୁହୁକ ଦୀପ—ମେଜିକ୍ ।

ବାପା କହିଲେ—ସବୁ ତ ମେଜିକ୍ । ମାତ୍ର ଏ ଦୀପ ମେଜିକ୍ ନୁହେଁ । ଇଏ ଏକ ନୂଆ ଉଦ୍ଭାବନ । ଉଇଲିୟମକୁ ଲକ୍ଷ୍ୟ କରି କହିଲେ—ଆଚ୍ଛା ବାପା, ତୁ ତ ଏଇଆକୁ କରିଛୁ, କେମିତି କଲୁ ମତେ ବୁଝାଇ ଦେଇ ପାରିବୁ ?

ବାପା ଏକଥା ପଚାରିବେ ବୋଲି ଉଇଲିୟମ ଆଗରୁ ଜାଣିଥିଲେ ଏବଂ ବୁଝାଇବାକୁ ପ୍ରସ୍ତୁତ ଥିଲେ । ପ୍ରଥମେ ସେ ଗୁଣ୍ଡ କୋଇଲାତକ ଦେଖାଇ କହିଲେ ଯେ ଏଥିରୁ ଗ୍ୟାସ୍ ସୃଷ୍ଟି କରାଯାଉଛି ଏବଂ ସେ ଗ୍ୟାସ୍‌ରେ ଏହି ଲାଇଟ ଜଳୁଛି ।

ବାପା ଭାରି ଖୁସି ହୋଇ କହିଲେ—ଏହି ଲାଇଟକୁ ନେଇ ସେ ତାଙ୍କ ବନ୍ଧୁ ଡାକ୍ତର ରୁବେକ୍‌ଙ୍କୁ ଦେଖାଇବାକୁ ଚାହାନ୍ତି । ଡାକ୍ତର ରୁବେକ୍ ପାହାଡ଼ ଆରପଟେ କାରନଠାରେ ରହୁଥିଲେ । ସେଠାରେ ତାଙ୍କର ଲୁହା କାରଖାନା, କୋଇଲା ଗୋଦାମ ଆଦି ଥିଲା । ଏହି ଲୁହା କାରଖାନା କେବଳ ସ୍କଟଲାଣ୍ଡ କାହିଁକି, ସମଗ୍ର ପୃଥିବୀରେ ପ୍ରଥମ । ଏହି କାରଖାନାରୁ ହିଁ ପୃଥିବୀର ପ୍ରଥମ ବାଷ୍ପୀୟ

Digitized by srujanika@gmail.com

ଇଞ୍ଜିନ୍ ତିଆରି ହୋଇଥିଲା । ଏହି ବାଷ୍ପୀୟ ଇଞ୍ଜିନ୍‌ର ଉଦ୍ଭାବକ ଜେମସ୍ ୱ୍ୟାଟ ଥିଲେ ଡାକ୍ତର ବ୍ଲୁବେକ୍‌ଙ୍କ ଘରୁଆଳୀ । ଉଇଲିୟମ ମୁର୍ଦ୍ଦୋକ ତାଙ୍କର ଟି-ପଟ ଲ୍ୟାମ୍ପ ତିଆରିରେ ଲାଗିଥିବା ବେଳେ ଜେମସ୍ ୱ୍ୟାଟ ବାଷ୍ପୀୟ ଇଞ୍ଜିନ୍ ନିର୍ମାଣ କାର୍ଯ୍ୟରେ ଲାଗିଥିଲେ । ବ୍ଲୁବେକ୍ ଜଣେ ଡାକ୍ତର ହୋଇଥିଲେ ମଧ୍ୟ ଔଷଧପତ୍ର, ଚିକିତ୍ସା କାର୍ଯ୍ୟ ପୂରାପୂରି ଭୁଲିଯାଇ ଜୀବନସାରା ଇଞ୍ଜିନିୟରିଂ କାର୍ଯ୍ୟରେ ମନୋନିବେଶ କରିଥିଲେ । ବ୍ଲୁବେକ୍ ଓ ଜେମସ୍ ୱ୍ୟାଟ ବାସ୍ତବରେ ଇଞ୍ଜିନ ଯୁଗର ପ୍ରବର୍ତ୍ତକ ।

ଉଇଲିୟମ ମୁର୍ଦ୍ଦୋକଙ୍କ ପିତା ଯେ କେବଳ ଜଣେ ମିଲ୍‌ମାଲିକ ଥିଲେ ତାହା ନୁହେଁ, ସେ ଥିଲେ ଜଣେ ସବ୍‌ଜାନ୍ତା ବ୍ୟକ୍ତି । ସବୁ ଧନ୍ଦାରେ ତାଙ୍କର ହାତ ଥିଲା । ସେ ତାଙ୍କ ବନ୍ଧୁ ଡାକ୍ତର ବ୍ଲୁବେକ୍‌ଙ୍କ ଭଳି ଜଣେ ଇଞ୍ଜିନିୟର ଓ ଉଦ୍ଭାବକ । ସେ ଯେଉଁ ଗିଅରିଂହ୍ୱିଲ ପ୍ରଥମେ ତିଆରି କରିଥିଲେ ବର୍ତ୍ତମାନ ସୁଦ୍ଧା ତାଙ୍କର କାରଖାନା କାରଖାନାରେ ସେ ଧରଣର ହ୍ୱିଲ୍ ପ୍ରସ୍ତୁତ ହେଉଥିବା ଦେଖାଯାଏ ।

ଲୁହାକାରଖାନାରେ ଡାକ୍ତର ବ୍ଲୁବେକ୍‌ଙ୍କ ସହିତ ତାଙ୍କର ପ୍ରାୟ ସାକ୍ଷାତ ହୋଇଥାଏ । ଦିନେ ଘୋଡ଼ାରେ ବସି ସେ ତାଙ୍କ ପୁଅ ତିଆରି କରିଥିବା ଟି-ପଟ ଲ୍ୟାମ୍ପଟିକୁ ଧରି ଡାକ୍ତର ବ୍ଲୁବେକ୍‌ଙ୍କୁ ଦେଖାଇବାକୁ ଗଲେ । ବନ୍ଧୁ ମୁର୍ଦ୍ଦୋକଙ୍କୁ ଦେଖିବାମାତ୍ରେ ବ୍ଲୁବେକ୍ ସ୍ୱାଗତ ଜଣାଇ କହିଲେ—ଆଜି ଖବର କ'ଣ ? ଆଜି ବଢ଼େଇ କାମ ସମ୍ପର୍କରେ ନା କୌଣସି ଗୃହବାସ ସମ୍ପର୍କରେ ବକ୍ତୃତା ହେବ ? ମୁର୍ଦ୍ଦୋକଙ୍କ ଭଳି ଜଣେ ସବ୍‌ଜାନ୍ତା ଲୋକ ମୁହଁରୁ ସେ ନାନା କଥା ଶୁଣିଥାଆନ୍ତି । ତେଣୁ ତାଙ୍କୁ ସେ ବ୍ଲଫ୍ ମାଷ୍ଟର କହି ପରିହାସ କରିଥାଆନ୍ତି । ମାତ୍ର ଆଜି ଉଇଲିୟମଙ୍କ ପିତା ପଦେହେଲେ କିଛି ନ କହି ଚୁପ୍‌ଚାପ୍ ଟି-ପଟଟିକୁ ନେଇ ଟେବୁଲ ଉପରେ ରଖି

Digitized by srujanika@gmail.com

କହିଲେ—ମୋ ପୁଅ ଏଇଟିକି କରିଛି । ଡାକ୍ତର ରୁବେକ୍ ଟି-ପଟଟିକୁ ଘଡ଼ିଏ କାଳ ଘୂରାଇବା ପରେ ମୁର୍ଦ୍ଧୋକ କହିଲେ—ଏଇଟି ଗୋଟିଏ ଲ୍ୟାମ୍ପ । ଏହା ମୋ ପୁଅର କରାମତି ।

ରୁବେକ୍ ଏହାକୁ ପରୀକ୍ଷା କରି ଦେଖିବା ପରେ କହିଲେ—ଚମତ୍କାର, ଦେଶୀ ତିଆରି ଜିନିଷଟିଏ । ମୁଁ ତୁମ ପୁଅକୁ ଭେଟିବାକୁ ଚାହେଁ ।

ମୁର୍ଦ୍ଧୋକଙ୍କ ମନ କୁଣ୍ଢେମୋଟ ହୋଇଆସିଲା । କହିଲେ—ଆମ ୱିଲ ଇମିତି କେତେ କଥା ତିଆରି କଲାଣି ।

ରୁବେକ୍ ଟି-ପଟ ଲ୍ୟାମ୍ପଟିକୁ ହାତରେ ଟିକିଏ ଠେଲିଦେଇ କହିଲେ—କଣେଇ ଭଳି ଛୋଟଟିଏ । ମାତ୍ର ଭଲ କଣେଇଟିଏ । ୱିଲକୁ କହିବ, ଏଣିକି ସ୍କୁଲରୁ ଆସିଲାବେଳେ ଆମ ଏଠିକି ଆସୁଥିବ, ତାକୁ କାମ କରିବାକୁ ବହୁତ ଧନ୍ଦା ମିଳିବ ।

ରୁବେକଙ୍କ ଏହି ପ୍ରସ୍ତାବ କେବଳ ପ୍ରସ୍ତାବରେ ରହିଲା । ୱିଲିୟମ ମୁର୍ଦ୍ଧୋକ ରୁବେକଙ୍କ କାରନ ଲୌହ କାରଖାନାରେ କାମକରିବାକୁ ଆସିଲେ ନାହିଁ । କାରଣ ଇତିମଧ୍ୟରେ ରୁବେକ ଦେବାଳିଆ ହୋଇଗଲେ । ତଥାପି ତାଙ୍କ ମନରେ ଜନ୍‌ଙ୍କ ପୁଅ ୱିଲ ବା ୱିଲିୟମଙ୍କ କଥା ରହିଥାଏ । ଦିନେ ସେ ୱିଲିୟମଙ୍କୁ ଡକାଇ ପଠାଇଲେ । ୱିଲିୟମ ଆସିବା ମାତ୍ରେ ରୁବେକ କହିଲେ—ଦେଖ, ତୁମ ବାପା ହେଉଛନ୍ତି ଜଣେ ମିଲ୍‌ମାଲିକ ଜଣେ ବଢ଼େଇ ଓ ଇଞ୍ଜିନିୟର । ତୁମେ କ'ଣ ହେବାକୁ ଚାହୁଁଛ ?

ୱିଲିୟମ ସଙ୍ଗେସଙ୍ଗେ ଉତ୍ତର ଦେଲେ—ଜଣେ ଇଞ୍ଜିନିୟର ହେବାକୁ । ରୁବେକ କହିଲେ—ତୁମ ହାତ ତିଆରି ଲ୍ୟାମ୍ପ ମୁଁ ଦେଖିଛି, ତା ପରେ କ'ଣ କରିବାକୁ ଯାଉଛ ?

Digitized by srujanika@gmail.com

ଉଇଲିୟମ କହିଲେ—ଗୋଟେ ପୋଲ ।

—କ'ଣ କାଠ ନଦୀ ଉପରେ ?

—ପଥରରେ ।

ରୁବେକ୍ ପଚାରିଲେ—ମୋ ପାଇଁ କାମ କରିପାରିବ ? ମୋ କାରଖାନା ତ ବନ୍ଦ ହୋଇଗଲାଣି । ମାତ୍ର ମୋର ବନ୍ଧୁ ଜେମ୍ସ ଓ୍ୱାଟ ବର୍ତ୍ତମାନ ବର୍ମିଙ୍ଗ୍‌ହାମଠାରେ ଆଉ ଜଣେ ବଡ଼ ଇଞ୍ଜିନିୟର ବୋଲ୍‌ଟନ୍‌ଙ୍କ ସହିତ କାମ କରୁଛନ୍ତି । ସେମାନେ ତୁମ ଭଳି ଜଣେ ଇଞ୍ଜିନିୟରଙ୍କୁ ଚାହାନ୍ତି । ମୁଁ ଖଣ୍ଡିଏ ଚିଠି ଲେଖି ଦେଉଛି, ତାକୁ ଧରି ଯିବ ।

ସଙ୍ଗେ ସଙ୍ଗେ ସେ ଚିଠି ଖଣ୍ଡିଏ ଲେଖି ତାକୁ ଲଫାପା ଭିତରେ ଭର୍ତ୍ତି କରି ଉଇଲିୟମଙ୍କୁ ଦେଲେ । କହିଲେ—ଦକ୍ଷିଣରେ ଲୋକେ ଟିକିଏ ମୋଟା ଟାଣୁଆ ଟୋପି ପିନ୍ଧିଥାଆନ୍ତି । ତୁମକୁ ସେଇଥିରୁ ଗୋଟିଏ ପିନ୍ଧିବାକୁ ପଡ଼ିବ ।

ଉଇଲିୟମ ଚିଠିଟିକୁ ଧରି ଘରକୁ ଫେରିବା ପରେ ଭାଇମାନଙ୍କ ସହିତ କଥାବାର୍ତ୍ତା ପ୍ରସଙ୍ଗରେ କହିଲେ—କାଲି ସେ ବର୍ମିଙ୍ଗ୍‌ହାମ୍ ଯିବେ ।

ଭାଇମାନେ ପଚାରିଲେ—କିମିତି ଯିବ ? ବାଟଖର୍ଚ୍ଚ କିଏ ଦେବ ? ଏଠାରୁ ତିନି ଶହ ମାଇଲ ଦୂର କ'ଣ ଚାଲି ଚାଲି ଯିବ ?

ଉଇଲିୟମ କହିଲେ—ଯେତେ ଦିନ ଲାଗୁ ପଛେ ଚାଲି ଚାଲି ଯିବି । ଚାଲି ଚାଲି ଯିବା ପାଇଁ ମୁଁ ଚିନ୍ତିତ ନୁହେଁ । ବଡ଼ ଚିନ୍ତା ହେଉଛି ଗୋଟିଏ ଟୋପି କେଉଁଠୁ ପାଇବି ?

ବର୍ମିଙ୍ଗ୍‌ହାମଠାରୁ ତିନି ମାଇଲ ଦୂରରେ ଜେମ୍ସ ଓ୍ୱାଟ ଓ ବୋଲ୍‌ଟନ୍‌ଙ୍କ 'ସୋହୋ' କାରଖାନା । ଏଠାରେ ଓ୍ୱାଟଙ୍କ ଉଦ୍ଭାବିତ ବାଷ୍ପୀୟ ଇଞ୍ଜିନ ତିଆରି ହୋଇଥାଏ । ଓ୍ୱାଟଙ୍କ

Digitized by srujanika@gmail.com

ଇଞ୍ଜିନିୟରିଂ ବୁଦ୍ଧି ସାଙ୍ଗକୁ ବୋଲ୍‌ଟନ୍‌ଙ୍କ ବ୍ୟବସାୟୀ ବୁଦ୍ଧି ମିଶି କାରଖାନାଟି ପନ୍ଦର ବର୍ଷ ହେଲା ସୁରୁଖୁରୁରେ ଚାଲୁଛି । ରେଲଗାଡ଼ି ଚାଲିବା ଭଳି ଇଞ୍ଜିନ୍ ଅବଶ୍ୟ ସେତେବେଳକୁ ତିଆରି ହୋଇ ନ ଥାଏ, ମାତ୍ର ଖଣି ଭିତରୁ ପାଣିକୁ ପମ୍ପ କରିପାରିବା ଭଳି ଇଞ୍ଜିନ ତିଆରି ହେଉଥାଏ ।

ଏହି କାରଖାନା ପ୍ରତି ଆକୃଷ୍ଟ ହୋଇ ବହୁ ଇଞ୍ଜିନିୟର ଆସନ୍ତି । ଏହାର କାର୍ଯ୍ୟକୁ ପର୍ଯ୍ୟବେକ୍ଷଣ କରନ୍ତି । ଅନେକେ ପାଦରେ ବହୁ ପଥ ଅତିକ୍ରମ କରି ଆସନ୍ତି । ତେଣୁ ଉଇଲିୟମ ଯେ ପ୍ରଥମ ଇଞ୍ଜିନିୟର ତା ନୁହେଁ । ଦୁର୍ଭାଗ୍ୟକୁ ସେ ପରିଚୟ ପତ୍ର ଧରି ଆସିଲାବେଳକୁ ଜେମ୍ସ ଓ୍ୱାଟ ଅଫିସରେ ନ ଥିଲେ । ଥିଲେ ବୋଲ୍‌ଟନ୍ । ଉଇଲିୟମଙ୍କଠାରୁ ଚିଠିଟି ନେଇ ପଢ଼ିଲେ । ସେତେବେଳକୁ ଉଇଲିୟମ ତାଙ୍କୁ ଦେଖି ଡରି ଗଲେଣି । ବୋଲ୍‌ଟନ୍ ଚିଠିଟି ପଢ଼ିସାରି ଉଇଲିୟମଙ୍କୁ ବିଦା କରିବାକୁ ଗଲାବେଳେ ହଠାତ୍ ଉଇଲିୟମଙ୍କ ଟୋପିଟି ତାଙ୍କ ମୁଣ୍ଡରୁ ଖସି ତଳେ ପଡ଼ିଗଲା । ବୋଲ୍‌ଟନ୍ ଟୋପିଟିକୁ ଦେଖି ଟିକିଏ କୌତୂହଳୀ ହୋଇ କହିଲେ—ଦେଖି ଦେଖି ସେ ଟୋପିଟା, ବେଶ୍ ସୁନ୍ଦର ହୋଇଛି । କାଠରେ ତିଆରି ନା !

ଉଇଲିୟମ ପିଲାଳିଆ ସ୍ୱରରେ କହିଲେ—ମୁଁ ନିଜ ହାତରେ କରିଛି । ବୋଲ୍‌ଟନ୍ ଠଉରେଇ ନେଲେ, ମନେ ମନେ ଭାବିଲେ, ପିଲାଟିର ବେଶ୍ ଉଦ୍ଭାବନଶକ୍ତି ରହିଛି ।

ସଙ୍ଗେ ସଙ୍ଗେ ଉଇଲିୟମଙ୍କୁ ଭିତରକୁ ଡାକିନେଇ ଆଦର ଅଭ୍ୟର୍ଥନା କଲେ । ପଚାରିଲେ—ଏ କାରଖାନାରେ କ'ଣ ସବୁ ତିଆରି ହେଉଛି ଜାଣ ?

Digitized by srujanika@gmail.com

ଉଇଲ୍‌ସ୍ନମ କହିଲେ—ବାଷ୍ପୀୟ ଇଞ୍ଜିନ ।

ବୋଲ୍‌ଟନ୍ କହିଲେ—ଦିନେ ଏହି ବାଷ୍ପୀୟ ଇଞ୍ଜିନ ପୃଥିବୀ ବିଖ୍ୟାତ ହୋଇଉଠିବ । ଏଥିରେ ରେଲଗାଡ଼ି ଚାଲିବ, କଳ କାରଖାନା ଚାଲିବ । ଏହାଦ୍ୱାରା ବହୁ ଶିଳ୍ପ ଖୋଲିବ । ଉତ୍ପାଦନ ବଢ଼ିବ । ତୁମେ ଏଠି କାମ କରିବ ?

ଉଇଲ୍‌ସ୍ନମ କହିଲେ—ସେଇଥିପାଇଁ ତ ମୁଁ ଡିନଶହ ମାଇଲ ବାଟ ଚାଲି ଚାଲି ଆସିଛି ।

ବୋଲ୍‌ଟନ୍ କହିଲେ—ବେଶ୍ ତୁମେ ଏଣିକି ଓ୍ୟାଟଙ୍କ ସହକାରୀ ଭାବରେ କାର୍ଯ୍ୟ କରିବ । ସପ୍ତାହକୁ ମଜୁରି ପନ୍ଦର ଶିଲିଂ ଆଉ ଉପ୍ରି ଦୁଇ ଶିଲିଂ ।

କାମ ଆରମ୍ଭ ହେଲା । ଦିନବେଳା ଘରେ ବସି ସେ ଲାଗନ୍ତି ଲ୍ୟାମ୍ପ ତିଆରି କାମରେ । ସେତେବେଳେ ତେଲରେ ଦୀପ ଜଳୁଥିଲା । ବର୍ମିଂହାମ ରାସ୍ତାମାନଙ୍କରେ ମଧ୍ୟ ସେହିଭଳି ଗୁଡ଼ିଏ ଲ୍ୟାମ୍ପ ଖଞ୍ଜା ଯାଇଥାଏ । ଏଗୁଡ଼ିକ ମିଞ୍ଜି ମିଞ୍ଜି ହୋଇ ଜଳେ । ଦିନବେଳେ ଦୀପ ଜଳେଇବାବାଲା ହାତରେ ଗୋଟିଏ କଇଞ୍ଚି ଓ ନିଶୁଣୀ ଧରି ଆସେ । ବତିକୁ କାଟେ, ତେଲ ଭର୍ତ୍ତି କରି ଦେଇଯାଏ । ପୁଣି ସନ୍ଧ୍ୟାହେଲେ ଲ୍ୟାମ୍ପଗୁଡ଼ିକୁ ଲଗେଇ ଲଗେଇ ଯାଏ । ଲୋକେ କିନ୍ତୁ ଏହି ଆଲୁଅ ଉପରେ ଭରସା କରିପାରନ୍ତି ନାହିଁ । ଶୁକ୍ଳପକ୍ଷ ରାତିରେ ରାତିର କାମ କରିଥାଆନ୍ତି । କୃଷ୍ଣପକ୍ଷରେ ଆଲୁଅ ନ ଥିବାରୁ ବିଶେଷ କେହି ଘରୁ ବାହାରନ୍ତି ନାହିଁ ।

ବର୍ମିଂହାମ୍‌ରେ ସେତେବେଳେ ଗୋଟିଏ କ୍ଲବ ବା ସୋସାଇଟି ଥାଏ । ତାର ନାମ ଲୁନାର ବା ମୁନ୍ ସୋସାଇଟି । ଏହି ସୋସାଇଟିର ସଭ୍ୟମାନେ କେବଳ ଶୁକ୍ଳପକ୍ଷ ରାତିମାନଙ୍କରେ ଏକତ୍ର

Digitized by srujanika@gmail.com

ହୁଅନ୍ତି । ଓ୍ୱାଟ୍, ବୋଲ୍ଟନ, ପ୍ରିଷ୍ଟ୍ଲେ, ଡାର୍ଉଇନ, ଓ୍ୱେଜଉଡ୍ ପ୍ରମୁଖ ସଭ୍ୟମାନେ ଏକାଠି ହୋଇ କଳା, ବିଜ୍ଞାନ, ସାହିତ୍ୟ ଆଦି ସମ୍ପର୍କରେ ଆଲୋଚନା କରିଥାଆନ୍ତି ।

ଅନ୍ଧାର ଗର୍ତ୍ତରେ କେହି କୁଆଡ଼େ ଗଲେ ଜଣେ ଜଣେ ମୂଲିଆ ନିଯୁକ୍ତ କରିବାକୁ ପଡ଼େ । ଏମାନଙ୍କୁ "ଲିଙ୍କ୍ବୟ୍" କୁହାଯାଏ । ସେମାନେ ଆଗରେ ନିଆଁହୁଲା ଧରି ଧରି ଯାଆନ୍ତି । ପଛରେ ଅନ୍ୟମାନଙ୍କୁ ଯିବାକୁ ପଡ଼େ, କିନ୍ତୁ ଏହି ଲିଙ୍କ୍ବୟ୍ଙ୍କ ମଧ୍ୟରୁ ଅନେକ ଥାଆନ୍ତି ଚୋର ଶ୍ରେଣୀର । ବାଟରେ ନାନା ଉତ୍ପାତ କରନ୍ତି । ତେଣୁ ତାଙ୍କୁ ସାଙ୍ଗରେ ଧରି ଯିବା ନିରାପଦ ମନେ କରାଯାଉ ନ ଥିଲା । ଅବଶ୍ୟ ଜଗୁଆଳୀ ନିଯୁକ୍ତ ଥାଆନ୍ତି । ମାତ୍ର ସେମାନେ ସେଭଳି ଧୁରନ୍ଧର ନ ଥିଲେ ।

ରାସ୍ତାର ମିଞ୍ଜି ମିଞ୍ଜି ଆଲୁଅକୁ ଦେଖି ମୁର୍ଡୋକ ଭାବନ୍ତି, ତାଙ୍କ ଟି-ପଟ ଲ୍ୟାମ୍ପ ତ ଏ ଘାଟ ଅପେକ୍ଷା ଅଧିକ ଉଜ୍ଜ୍ୱଳ ଆଲୋକ [illegible] କରିବ । ଉଇଲିୟମ ଯେଉଁ ଲଣ୍ଡ୍ଲେଡ଼ି ଘରେ ରହୁଥିଲେ ସେ ଲଣ୍ଡ୍ଲେଡ଼ି ଘରେ ଡିବିର ବ୍ୟବହାର କରୁଥିଲେ । ଏଥିରୁ କେବେ ବା ଆଲୁଅ ମିଳିବ ? ମୁର୍ଡୋକଙ୍କୁ ସବୁବେଳେ ଏହି ଆଲୁଅ ଚିନ୍ତା ଘାରିବାକୁ ଲାଗିଲା ।

କ୍ରମଶଃ ସୋହୋ କାରଖାନାରେ ଉଇଲିୟମଙ୍କ ଖ୍ୟାତି ବଢ଼ିଲା । ବିଶେଷ ଭାବରେ ଜେମ୍ସ୍ ଓ୍ୱାଟ ପ୍ରତ୍ୟେକ ଦିନ ବୋଲ୍ଟନଙ୍କ ପାଖକୁ ଚିଠି ଲେଖି ପଠାନ୍ତି—ମୋ ପାଖରେ ଉଇଲିୟମ ଯଥାଶୀଘ୍ର ପହଞ୍ଚିବା ଦରକାର ହେଉଛି । ଶୀଘ୍ର ପଠାନ୍ତୁ ।

ଦିନେ ଗୋଟିଏ କଷ୍ଟକର କାର୍ଯ୍ୟ ସାଧନ କରିବା ପରେ ହଠାତ୍ ଅଫିସରୁ ଡାକରା ଆସିଲା । ମୁର୍ଡୋକ ଅଫିସରେ ପହଞ୍ଚି

Digitized by srujanika@gmail.com

ଦେଖିଲେ, ବୋଲ୍‌ଟନ ଓ ଜେମ୍‌ସ ଓ୍ୱାଟ ଦୁହେଁ ତାଙ୍କୁ ଅପେକ୍ଷା କରି ବସିଛନ୍ତି । ପହଞ୍ଚିବା ମାତ୍ରେ ବୋଲ୍‌ଟନ କହିଲେ—ତୁମର ଗତ କାଲିର କାମ ଦେଖି ଆମେ ସନ୍ତୁଷ୍ଟ । ମାତ୍ର ତୁମକୁ ଆଉ ଗୋଟିଏ କଷ୍ଟକର କାମ କରିବାକୁ ପଡ଼ିବ । ତମକୁ ବର୍ମିଙ୍ଗ୍‌ହାମ ଛାଡ଼ି କର୍ଣ୍ଣଓ୍ୱାଲକୁ ଯିବାକୁ ପଡ଼ିବ । ଏଇ ହେଲା ଇଂଲଣ୍ଡର ମାନଚିତ୍ର । ଯେଉଁଠି ଯେଉଁଠି ଛକ ଚିହ୍ନ ଦେଖୁଚ ସେ ସବୁ ସ୍ଥାନମାନଙ୍କରେ ଟିଣ ଓ ତମ୍ବାଖଣି ରହିଛି । ଏହି ଖଣିମାନଙ୍କରେ ଆମ କାରଖାନା ତିଆରି ପମ୍ପ ଇଞ୍ଜିନ ସବୁ ଖଞ୍ଜା ହୋଇଛି । ଏ ଇଞ୍ଜିନଗୁଡ଼ିକ ନଷ୍ଟ ହେବାକୁ ବସିଲାଣି । ଖଣିରୁ ଯେତେ ଅଧିକ ଟିଣ ଓ ତମ୍ବା ପଥର ବାହାର କରାଯାଉଛି, ସେତିକ ଗହ୍ୱରିଆ ହେଉଚି । ଯେତିକ ଗହ୍ୱରିଆ ହେଉଛି ସେତିକ ଅଧିକ ପାଣି ବାହାରୁଚି । ଯେଉଁଠି ପୁରୁଣା ଇଞ୍ଜିନ ନଷ୍ଟ ହୋଇଗଲାଣି, ସେଠାରେ ନୂଆ ଇଞ୍ଜିନ ଖଞ୍ଜାଯିବ । ଯେଉଁଠି ବିଲ୍‌କୁଲ୍ ନାହିଁ, ସେଠାରେ ମଧ୍ୟ ଖଞ୍ଜାଯିବ । ଅଧିକାଂଶ ଖଣିମ୍ୟାନେଜର ଆମ ଇଞ୍ଜିନକୁ ଚାହୁଁଛନ୍ତି । ମାତ୍ର କର୍ଣ୍ଣଓ୍ୱାଲର କେତେକ ମାଲିକ ଶ୍ରେଣୀର ଲୋକ କହୁଛନ୍ତି କେବଳ କର୍ଣ୍ଣଓ୍ୱାଲରେ ତିଆରି ଇଞ୍ଜିନର ବ୍ୟବହାର କରାଯିବା ଉଚିତ । କର୍ଣ୍ଣଓ୍ୱାଲରେ ହର୍ଣ୍ଣବ୍ଲୋଏର ନାମକ ଏକ କାରଖାନାରେ ଅବଶ୍ୟ ପମ୍ପ ଇଞ୍ଜିନ ତିଆରି ହେଉଛି, ମାତ୍ର ମ୍ୟାନେଜରମାନେ ସେ ସବୁକୁ ପସନ୍ଦ କରୁନାହାନ୍ତି । ଜେମ୍‌ସ ଓ୍ୱାଟ ଯାଆନ୍ତେ, ମାତ୍ର ମାଲିକମାନଙ୍କର ଆଞ୍ଚଳିକ ମନୋଭାବ ଯୋଗୁ ସେ ଯିବାକୁ ଚାହୁଁ ନାହାନ୍ତି ।

ଉଇଲିୟମ ସଙ୍ଗେ ସଙ୍ଗେ କହିଲେ—ଯେଉଁ କାମକୁ ଜେମ୍‌ସ ଓ୍ୱାଟ ଭଳି ଲୋକ ପାରୁ ନାହାନ୍ତି, ସେ କାମକୁ ସେ କପରି ତୁଲାଇ ପାରିବେ ?

Digitized by srujanika@gmail.com

ବୋଲ୍‌ଟନ ଏଥର ଖୋଲଖୋଲି ଭାବରେ ଉଇଲିୟମଙ୍କର ପ୍ରଶଂସା ନ କରି ରହିପାରିଲେ ନାହିଁ । କହିଲେ—ତୁମେ ଶ୍ରମିକ, ଅଫିସର, ମାଲିକ ସମସ୍ତଙ୍କ ଭିତରେ ଶୀଘ୍ର ଜନପ୍ରିୟ ହୋଇପାରିବ । କାରଣ ତୁମେ ଭାରି ମିଶାଣିଆ ଲୋକ । ଦୃଢ଼ଚେତା । ଯାହାହେଲେ ମୁହଁରେ ବାଡ଼େଇ ଦେଇ କହିଦେଇ ପାରିବ । ବେଶୀ ଗପ କରିବା ତୁମ ପ୍ରକୃତି ନୁହେଁ । କର୍ମଠ ମଧ୍ୟ । ତୁମ କାମକୁ ସମସ୍ତେ ନିଶ୍ଚୟ ପସନ୍ଦ କରିବେ । କର୍ଣ୍ଣୱାଲର ଖଣିମାଲିକମାନେ ତୁମ ଭଳି କାମିକା ଲୋକ ଲୋଡ଼ନ୍ତି ।

ଉଇଲିୟମ ଥରେ ୱାଟଙ୍କୁ ତ ଆଉଥରେ ବୋଲ୍‌ଟନଙ୍କୁ ଚାହିଁଲେ । ସେମାନେ ସମ୍ପୂର୍ଣ୍ଣ ନୀରବ । ତାପରେ ଉଇଲିୟମ କହିଲେ—ଆପଣମାନେ ମତେ ପଦ ଉପଯୁକ୍ତ ମନେକରୁଛନ୍ତି ଯିବି ।

ୱାଟ ଓ ବୋଲ୍‌ଟନ ଅନୁଭବ କଲେ, ସେମାନଙ୍କ ମୁଣ୍ଡ ଉପରୁ ଗୋଟାଏ ବୋଝ ଗଲା । ବୋଲ୍‌ଟନ ପୁଣି ମାନଚିତ୍ରକୁ ଦେଖାଇ କହିଲେ—ଦେଖନ୍ତୁ ମିଃ ମୁର୍ଡୋକ, ଆପଣଙ୍କୁ ଏହି ରେଡ୍‌ରୁଥ ସହରରେ ରହିବାକୁ ପଡ଼ିବ । ଆମ କାରଖାନାର ମ୍ୟାନେଜର ଯେତିକ ଦରମା ପାଉଛନ୍ତି, ଆପଣଙ୍କୁ ସେତିକ ଦିଆଯିବ, ଅର୍ଥାତ୍ ଆପଣ ସପ୍ତାହକୁ କୋଡ଼ିଏ ସିଲିଂ ପାଇବେ ।

୧୭୮୦ ରେ ମୁର୍ଡୋକ୍‌ଙ୍କ ବୟସ ପଚିଶ ବର୍ଷ । ସେ ସେହି ବର୍ଷ ଯାଇ କର୍ଣ୍ଣୱାଲରେ ପହଞ୍ଚିଲେ । ବର୍ତ୍ତମାନ ଆମେ କର୍ଣ୍ଣୱାଲ ଜିଲ୍ଲାକୁ ଯେପରି ଭାବରେ ଦେଖ, ସେତେବେଳେ ସେପରି ନ ଥିଲା । ଭଲ ରାସ୍ତା ନ ଥିଲା । ଗଛ ବୃକ୍ଷ ନ ଥିଲା । ଚାରିଆଡ଼ ଦେଖାଯାଉଥିଲା ନିଚାଟ ରୁକ୍ଷ । ରେଡ୍‌ରୁଥ ସହରଟା ଦେଖିବାକୁ ଥିଲା ଭାରି ଅପରିଷ୍କାର । ଅଷ୍ଟାଦଶ ଶତାବ୍ଦୀର କୃଷ୍ଣକାୟ ଦେଶ କହିଲେ ଚଳେ ।

Digitized by srujanika@gmail.com

ଏଇଠି ମୁର୍ଦ୍ଧୋକ କହିଲେ, କାମ କଲେ । ଦେଖିଲେ, ଏଠି ତାଙ୍କର ବହୁତ ଶତ୍ରୁ । ଥରେ ସେ ଗୋଟିଏ ଇଞ୍ଜିନ ଖଞ୍ଜି ଦେଇ ଆସିବା ପରେ ଖବର ପାଇଲେ ଯେ ସେ ଇଞ୍ଜିନଟି ଆଉ ଚାଲୁନି । ଯାଇ ପୁଣି ପରୀକ୍ଷା କରି ଦେଖିଲେ ଇଞ୍ଜିନ ଠିକ୍ ଅଛି, ଅଥଚ ଚାଲୁନି କାହିଁକି ? ନିଜେ ଚଳାଇ ଦେଖିଲେ ଯେ ସେ ଯିବା ଭିତରେ ଇଞ୍ଜିନର ଗୋଟିଏ ବୋଲ୍ଟକୁ କିଏ କାଢ଼ି ଦେଇଛି । ସେ ଟିକିଏ ହସିଲେ । ଯିଏ ଏହି ବୋଲ୍ଟକୁ କାଢ଼ିଛନ୍ତି ମୁର୍ଦ୍ଧୋକ ଜାଣନ୍ତି । ତଥାପି ତାଙ୍କୁ କିଛି ନ କହି କେବଳ କହିଲେ, ଇଏ ହର୍ଣ୍ଣ୍ସ୍ଲେଏର ଇଞ୍ଜିନ୍ ନୁହେଁ, ଓ୍ୟାଟ ଇଞ୍ଜିନ୍ । ଏହାକୁ ଯେତେ ମାରି, ଛେଚି ପକାଇଲେ ମଧ୍ୟ ଇଏ ଚାଲିବ । ନିଜ ଦେହରୁ ଜ୍ୟାକେଟକୁ କାଢ଼ି ବୋଲ୍ଟ କାଢ଼ିଥିବା ଶ୍ରମିକଙ୍କୁ ଉପହାର ଦେଇ କହିଲେ— ଯାହାହେଉ, ତୁମେ ଭାରି ଚାଲାକ ଲୋକ । ମତେ ଆଜି ଘଣ୍ଟେ ଦି'ଘଣ୍ଟା ପରିଶ୍ରମ କରିବାକୁ ସୁଯୋଗ ଦେଲ, ସେଥିଲାଗି ଧନ୍ୟବାଦ ।

ଶ୍ରମିକ ଜଣକ ଲଜ୍ଜିତ ହେଲେ । ଏପରି ଅନ୍ତର୍ଘାତି କାର୍ଯ୍ୟ କରିଥିବା ସତ୍ତ୍ୱେ ତାଙ୍କୁ କୌଣସି ଦଣ୍ଡ ନ ଦେଇ ବରଂ ଉପହାର ଦେଇଥିବାରୁ ସେ ମନେ ମନେ ମୁର୍ଦ୍ଧୋକ୍‌ଙ୍କୁ ପ୍ରଶଂସା କଲେ । ଯେଉଁମାନେ ସେଠାରେ ଉପସ୍ଥିତ ଥିଲେ ସେମାନେ ମଧ୍ୟ ତାଙ୍କ ଉପରେ ଭାରି ଖୁସି ହୋଇଉଠିଲେ ।

ସେଦିନ ଘରକୁ ଫେରିବା ବେଳକୁ ବହୁତ ରାତି ହୋଇଗଲା । ଲଣ୍ଡରେଡ଼ ଘର ସାମନା ଗେଟ ଆଗରେ ଜଗି ରହିଥାନ୍ତି । ମୁର୍ଦ୍ଧୋକଙ୍କୁ ଦେଖିବା ମାତ୍ରେ ଏକାନ୍ତ ଭାବରେ କହିଲେ—ଘର ଭିତରକୁ ଯାଅନି । ଭିତରେ ଏପରି ଜଣେ ଲୋକ ତୁମକୁ ଅପେକ୍ଷା କରି ରହିଛନ୍ତି, ହୁଏତ ସେ ତୁମକୁ ପ୍ରାଣରେ ମାରି ଦେଇପାରନ୍ତି ।

Digitized by srujanika@gmail.com

ମୁର୍ଦ୍ଦୋକ ପଚାରିଲେ—ଲୋକଜଣକ କିଏ ?

ଲଣ୍ଡରେଡ଼ କହିଲେ—ମିଃ ବ୍ରୋଂଜ ।

ମୁର୍ଦ୍ଦୋକ ହସି ହସି କହିଲେ, ଉଇବାର କଣ୍ଡି ନାହିଁ । ମାରିଦେଲେ ମାରିଦେବେ । ବ୍ରୋଂଜ ହେଉଛନ୍ତି କର୍ଣ୍ଣୱାଲର ଜଣେ ଖୋଦ୍ ବାସିନ୍ଦା । ବୋଲ୍ଟନ ଓ ୱାଟଙ୍କର ଇଏ ହେଉଛନ୍ତି ସବୁଠାରୁ ବଡ଼ ଶତ୍ରୁ । ମୁର୍ଦ୍ଦୋକ କର୍ଣ୍ଣୱାଲରେ ଆସି ରହିବା ଦିନଠାରୁ ତାଙ୍କର ବ୍ୟବସାୟ ମାନ୍ଦା ପଡ଼ି ଆସିଲାଣି । ଲଣ୍ଡରେଡ଼ ଏକଥା ଜାଣନ୍ତି ବୋଲି ହସିଲେ । କାରଣ ଏହି ବ୍ରୋଂଜ ଥରେ ଆସି ଲଣ୍ଡରେଡ଼ଙ୍କୁ ଧମକାନ୍ତି, ମୁର୍ଦ୍ଦୋକଙ୍କୁ ଘରେ ସ୍ଥାନ ନ ଦେବା ଲାଗି କହନ୍ତି । ବ୍ରୋଂଜ କୁଆଡ଼େ ଦିନେ ଆସି ଶପଥ କରିଥିଲେ ମୁର୍ଦ୍ଦୋକଙ୍କୁ ଯେ କୌଣସି ମତେ କର୍ଣ୍ଣୱାଲରୁ ବାହାର କରିଦେବେ, ନଚେତ୍ ନିପାତ କରିଦେବେ ।

ଉଇଲିୟମ୍ ଲଣ୍ଡରେଡ଼ଙ୍କୁ ବୁଝାଇ କହିଲେ—ସେ ବ୍ରୋଞ୍ଜଙ୍କ ଭଳି ଶହ ଶହ କର୍ଣ୍ଣୱାଲ ଲୋକଙ୍କ ସମ୍ମୁଖୀନ ହେଲେଣି । ତେଣୁ ଉଇବାର କଣ୍ଡି ନାହିଁ । ସେ ଘର ଭିତରକୁ ନିଶ୍ଚୟ ଯିବେ । ଗଲେ ମଧ୍ୟ । ଯାଇ ଦେଖିଲେ ବ୍ରୋଞ୍ଜ ସାହେବ ଅପେକ୍ଷା କରିଛନ୍ତି । ଉଇଲିୟମଙ୍କୁ ଦେଖିବାମାତ୍ରେ ସେ କହିଲେ—ମୁଁ ବହୁତ ସମୟ ହେଲା ଅପେକ୍ଷା କଲିଣି ।

ଉଇଲିୟମ ତାଙ୍କ ପ୍ରତି ସହାନୁଭୂତି ଜ୍ଞାପନ କରି କହିଲେ— ମୁଁ ସେଥିପାଇଁ କ୍ଷମା ମାଗୁଛି । ବହୁତ କାମ ଥିଲା, ଫେରିଲାବେଳକୁ ରାତି ହୋଇଗଲା ।

ବ୍ରୋଞ୍ଜ କହିଲେ—ମୋର ଗୋଟିଏ କଥା ରଖିପାରିବେ ?

—କହନ୍ତୁ ।

Digitized by srujanika@gmail.com

ବ୍ରୋଞ୍ଜ କହିଲେ, ମୁଁ ଆପଣଙ୍କୁ ମୋର କାରଖାନା ମ୍ୟାନେଜର କରିନେବାକୁ ଚାହେଁ ।

'ମୁଁ ତ ବେଲଟନ ଓ ଓ୍ୟାଟ୍ କମ୍ପାନିର ମ୍ୟାନେଜର ଅଛି ।' ଉତ୍ତର ଦେଲେ ଉଇଲସ୍ନମ ।

ବ୍ରୋଞ୍ଜ କହିଲେ, ସେକଥା ମୁଁ ଜାଣେ । ମାତ୍ର ସେମାନଙ୍କ ସହିତ ତମର ତ କୌଣସି ଚୁକ୍ତି ହୋଇନାହିଁ । ତେଣୁ ତୁମେ ଚାହିଁଲେ ଯେକୌଣସି ଦିନ ଛାଡ଼ି ଦେଇପାରିବ ।

ଉଇଲସ୍ନମ କହିଲେ—ହଁ, ଛାଡ଼ିଦେଇ ପାରିବ ।

ବ୍ରୋଞ୍ଜ ଭାରି ଉତ୍ସାହିତ ହୋଇ କହିଉଠିଲେ—ତାହାହେଲେ କଥା ତୁଟିଗଲା ତ ?

ଉଇଲସ୍ନମ କହିଲେ, ନା । ସେ କଥା କପରି ହେବ ?

ଏଥର ବ୍ରୋଞ୍ଜ ବୁଝାଇବା ଆରମ୍ଭ କଲେ । କହିଲେ, ଦେଖନ୍ତୁ ମୁର୍ଡୋକ ସାହେବ, କର୍ଣ୍ଣଓ୍ୟାଲର ଲୋକେ ନିଜକୁ ସବୁବେଳେ ଇଂଲଣ୍ଡଠାରୁ ଅଲଗା ମନେକରି ଥାଆନ୍ତି । ସେମାନଙ୍କ ପକ୍ଷରେ ବେଲଟନ ଓ ଓ୍ୟାଟଙ୍କ କାରଖାନା ବା ପ୍ରତିଷ୍ଠାନକୁ ଏକ ବିଦେଶୀ କାରଖାନା ମନେକରି ଥାଆନ୍ତି । ଏମାନଙ୍କ ଇଞ୍ଜିନ ଆସି କର୍ଣ୍ଣଓ୍ୟାଲରେ ବ୍ୟବହୃତ ହେବା ସେମାନେ ଚାହାଁନ୍ତି ନାହିଁ । କେବଳ ଆପଣଙ୍କ ଯୋଗୁଁ ତାହା ସମ୍ଭବ ହେଉଛି । କାରଣ ଲୋକେ ଅନୁଭବ କରୁଛନ୍ତି ଯେ, ଇଞ୍ଜିନ ଖରାପ ହୋଇଗଲେ ମାତ୍ରେ ଆପଣ ସଜାଡ଼ି ଦେଇପାରିବେ ।

ମୁର୍ଡୋକ କହିଲେ, ଓ୍ୟାଟ୍ ହେଉଛନ୍ତି ଜଣେ ମହାନ୍ ବ୍ୟକ୍ତି, ବିଖ୍ୟାତ ଇଞ୍ଜିନିୟର । ଜଣେ ଉଦ୍‌ଭାବକ । ମୁଁ ତାଙ୍କ ପାଇଁ କାମ କରିବାକୁ ପସନ୍ଦ କରେ ।

Digitized by srujanika@gmail.com

ଏଥର ବ୍ରୋଞ୍ଜି ସାହେବ ମୁର୍ହେକଙ୍କୁ ଲୋଭ ଦେଖାଇଲେ । କହିଲେ, ଦେଖନ୍ତୁ ଆପଣ ହେଲଟନ ଓ ଓ୍ୱାଟ୍ସଙ୍କଠାରୁ ଯେତିକ ପାଉଛନ୍ତି, ତାର ତିନିଗୁଣା ଦେବ, ଆପଣ ଚାହିଁଲେ ମୋ କାରଖାନାର ଅଂଶୀଦାର ମଧ୍ୟ ହୋଇପାରନ୍ତି । କାରଖାନାରେ ଅଧେ ଅଂଶ ଆପଣଙ୍କର ଓ ଅଧେ ଅଂଶ ମୋର ରହିବ ।

ମୁର୍ହେକ କିଛି ନ ଶୁଣିଲା ଭଳି ବ୍ରୋଞ୍ଜିଙ୍କ ଟୋପିଟିକୁ ଟେବୁଲ ଉପରୁ ଉଠାଇ କହିଲେ, ନଅନ୍ତୁ ଆଉ ଚାଲିଯାଆନ୍ତୁ । ଯେତେ ଅଧିକ ଦେଲେ ମଧ୍ୟ ମୁଁ ଯାଇନପାରେ । ମୁଁ ମୋ ମାଲିକଙ୍କୁ ବିଶ୍ୱାସ କରେ, ସେମାନଙ୍କର ମଧ୍ୟ ମୋ ଉପରେ ପ୍ରଗାଢ଼ ବିଶ୍ୱାସ ।

ରେଡ୍‌ରୁଥ ସହରରେ ଆତଙ୍କ ଖେଳିଗଲା । ଘରେ ଘରେ ପ୍ରଚାର ହୋଇଗଲା ଯେ, ରାତିରେ ଗୋଟାଏ ଭୂତ କି ଡାହାଣୀ ବାହାରୁଛି ! ବିରାଡ଼ି ଭଳି ତା ଆଖି ଦୁଇଟା ଦାଉ ଦାଉ ହୋଇ ଜଳୁଛି । ଏ ଭୂତ ଡାହାଣୀ କିଛି ରାତି ଯାଏଁ ଏଠି ସେଠି ବୁଲୁଥିବା ଦେଖାଯାଉଛି । ରାତିରେ ଆଉ କେହି ଘରୁ ବାହାରିଲେ ନାହିଁ । ସନ୍ଧ୍ୟା ହୋଇଯିବା ମାତ୍ରେ ସମସ୍ତ ଘର ଝରକା ସୁଦ୍ଧା ବନ୍ଦ କରି ଦେଲେ ।

ଦିନବେଳେ ବାହାରେ ବୈଠକ ବସିଲା । କ'ଣ କରାଯିବ ? ଭୂତ ବା ଡାହାଣୀକୁ କିପରି ଜବତ୍ କରାଯିବ ? ଏହାକୁ ଜବତ୍ ନ କଲା ଯାଏଁ ମଣିଷ ଆଉ ଶାନ୍ତିରେ ରହିନପାରେ ।

ରେଡ୍‌ରୁଥ ସହରର ସବୁଠାର ସାହାସୀ ଓ ବଳୁଆ ଲୋକଜଣଙ୍କ ହାତଟେକିଲେ । ସେ ମଲେ ପଛେ ମରିବେ, ଏହି ଡାହାଣୀକୁ ଯେକୌଣସିମତେ ଜବତ୍ କରିବେ । ଦଶଜଣଙ୍କ ଲାଗି ସେ ପ୍ରାଣବଳି ଦେବାକୁ ପ୍ରସ୍ତୁତ ।

Digitized by srujanika@gmail.com

ଢନେ ଗଡ଼ରେ ସେ ସାହସ କରି ବାହାରିଲେ । ଦେଖିଲେ, ସେ ଡାହାଣୀଟା କ୍ରମଶଃ ତାଙ୍କ ଆଡ଼କୁ ମାଡ଼ିଆସୁଛି । ବେଶ୍ ଉଜ୍ଜ୍ୱଳ ଆଲୁଅ । ଦେଖୁ ଦେଖୁ ଦାଉ ଦାଉ ହୋଇ ମାଡ଼ିଆସୁଛି । ମନେ ମନେ ଭାବିଲେ, ଏଇଟା ଡାହାଣୀନୁହେଁ ଭୂତ । ବିରାଟକାୟ ଶରୀର । କଳା ଚେହେରା । ଜଣେ ଯେପରି ତା' ମୁହଁ ଭିତରେ ନିଆଁ ହୁଳା ପୂରାଇ ତା ଆଡ଼କୁ ଧାଇଁ ଆସୁଛି । ସହରର ସର୍ଦ୍ଦାର ସେ । ଏଇ ହାତରେ ସେ ବହୁ ଲୋକଙ୍କୁ ସାବାଡ଼ କରିଛି । ମନରେ ସମସ୍ତ ପ୍ରକାରର ବଳ ସଂଗ୍ରହ କରି ସେ ଦମ୍ଭରେ ଠିଆ ହେଲା । ସେଠାରେ ସେ ଆଲୁଅଟା ଯେତିକି ପାଖକୁ ଲାଗି ଆସୁଥାଏ, ତାଙ୍କର ଦେହ ସେତିକି ଜୋର୍‌ରେ ଥରିବାକୁ ଲାଗୁଥାଏ । ହଠାତ୍ ଲଥକରି ସେ ପଡ଼ିଗଲେ ଭୂଇଁତଳେ । ଗଡ଼ି ଗଡ଼ି ଯାଇ ପଡ଼ିଲେ ଏକ ପାଣି ପଚ ପଚ ଖାଲ୍ ଭିତରେ ।

ଭୂତ ବୋଲି ସେ ଯାହାକୁ ଭାବୁଥିଲେ, ଦେଖିଲେ ସେଇଟା ତା'ଆଡ଼କୁ ଲାଗି ଆସୁଛି । ଖାଲି ଆସୁନି, ହାତ ଧରି ଉଠାଉଛି । ସେତେବେଳକୁ ରେଡ୍ଡି ସହରର ସବୁଠୁ ବଳୁଆ ଲୋକ ଜଣଙ୍କ ଦେହରେ ପ୍ରାଣ ନଥିଲା ଭଳି ଅନୁଭବ କରୁଥିଲେ । ଉଇଲିୟମ କହିଲେ, ମୁଁ ମଣିଷ, ଭୂତ ନୁହେଁ । ଉଠ, ମୁଁ ତମକୁ ନେଇ ଘରେ ଛାଡ଼ିଦେଇ ଆସିବି । ବଳୁଆ ଲୋକଟିକୁ ପୋଛିପୋଛି କରିଦେଇ ତାକୁ ଧୀରେ ଧୀରେ ଚଲେଇ ଚଲେଇ ନେଲେ ତା ଘର ପର୍ଯ୍ୟନ୍ତ । ସେତେବେଳକୁ ତାଙ୍କ ଘରେ କାନ୍ଦ ବୋବାଳି ପଡ଼ିଥାଏ । କାରଣ, ଘରର ସମସ୍ତଙ୍କ ଧାରଣା ସେ ଆଉ ଫେରିବେନି । ଭୂତକୁ ଧରିବାକୁ ଯାଇଛନ୍ତି ସେତେବେଳେ ତାଠାରୁ ଫେରିବା କ'ଣ ସହଜ ? ନିଶ୍ଚୟ ତାଙ୍କୁ ଭୂତ ଖାଇ ସାରିଥିବ । ମାତ୍ର ବଳୁଆ ଲୋକଜଣଙ୍କୁ ଅନ୍ୟ ଜଣେ ଧରି ଆସୁଥିବା ଦେଖି ଘରର ଲୋକେ ଖୁସି ହୋଇ ଉଠିଲେ ।

Digitized by srujanika@gmail.com

ଉଇଲିୟମ ସମସ୍ତଙ୍କୁ ବୁଝାଇଦେଇ କହିଲେ ଯେ, ପ୍ରତିଦିନ ସେ ଗୋଟିଏ ଲ୍ୟାମ୍ପଧରି ହାତରେ ଯା'ଆସ କରନ୍ତି । ଲ୍ୟାମ୍ପଟି ଉଜ୍ଜ୍ୱଳ ଆଲୁଅ ଦେଉଥିବାରୁ ସମସ୍ତଙ୍କର ଧାରଣା ହେଉଛି ଭୂତ ବୁଲୁଛି ବୋଲି । ଉଇଲିୟମ କହିଲେ, ଏହି ନୂଆ ଲ୍ୟାମ୍ପଟିକୁ ସେ ନିଜେ ତିଆରି କରିଛନ୍ତି । ଏହା ଗ୍ୟାସରେ ଜଳେ । ସେ ଇତିମଧ୍ୟରେ ତିଆରି କରିଥିବା ଏକ ବାଷ୍ପଚାଳିତ ଗାଡ଼ିରେ ଏହି ଲ୍ୟାମ୍ପ ବ୍ୟବହୃତ ହେବ ।

ବାଷ୍ପଚାଳିତ ଗାଡ଼ି, ସେ ପୁଣି କ'ଣ ?

ଲୋକଙ୍କର ଔତ୍ସୁକ୍ୟ ଆହୁରି ବଢ଼ିବାକୁ ଲାଗିଲା । ମାତ୍ର ଲୋକେ ଏହାକୁ ଦେଖିବା ପୂର୍ବରୁ ଉଇଲିୟମ ମୁର୍ଡୋକ ତାକୁ ନେଇ ବର୍ମିଂହାମକୁ ଚାଲିଗଲେ । ସେତେବେଳକୁ ସେ ବାଷ୍ପୀୟଯାନର ଏକ ନମୁନା ମାତ୍ର ପ୍ରସ୍ତୁତ କରିଥିଲେ । ବର୍ମିଂହାମକୁ ଯାଇ କର୍ଣ୍ଣୱ୍ୟାଲକୁ ଫେରିବାଲାଗି ପ୍ରସ୍ତୁତ ହେଲାବେଳେ ମୁର୍ଡୋକ ଜେମସ୍ ଓ୍ୱାଟ୍‌ଙ୍କୁ କହିଲେ, ଗୋଟିଏ କଥା କହିବି ବୋଲି ଭାବୁଛି, କହି ପାରୁନାହିଁ । ଓ୍ୱାଟ ତାଙ୍କୁ ସାହସ ଦେଇ କହିଲେ, କୁହ, ସେଥିରେ ସନ୍ଦେହ ଓ ଭୟ କରିବାର କ'ଣ ଅଛି ?

ମୁର୍ଡୋକ କହିଲେ, ଏକ ବାଷ୍ପୀୟ ଗାଡ଼ି ତିଆରି କରିବିବୋଲି ଭାବୁଛି । କିପରି ଚାଲିବ ବୋଲି ଓ୍ୱାଟ ପଚାରିବାରେ ମୁର୍ଡୋକ ତାଙ୍କର ଯୋଜନା ଠିକଣଣି ଭାବରେ ଜଣାଇଲେ ।

ଓ୍ୱାଟ କହିଲେ, ନା ତାହା ହୋଇପାରିବ ନାହିଁ ।

ଓ୍ୱାଟ କହିଲେ, ତୁମେ ଯେଉଁ ରକମର କଡ଼ା ବାଷ୍ପ ପ୍ରୟୋଗ କରିଛ ତାହା ବିପଜ୍ଜନକ । ତା ଫଳରେ ବୟଲର ଫାଟି ଯାଇପାରେ । କଡ଼ା ବାଷ୍ପ ବିନା ମେସିନ ଚାଲିପାରିବ ନାହିଁ ।

Digitized by srujanika@gmail.com

ତେଣୁ ମୁଁ ତୁମକୁ ଆଉଥରେ ସତର୍କ କରାଇ ଦେଉଛି । ଏହିଭଳି ଭାବରେ କୌଣସି ଯାନବାହନ ଚାଲିପାରିବ ନାହିଁ ।

ଇତିମଧ୍ୟରେ ମୁଦ୍ଦୋଙ୍କ ବିବାହ କରି ସାରିଛନ୍ତି । ରୁଷଥରେ ନିଜର ଘର କରି ସାରିଲେଣି । ବର୍ମିଂହାମରୁ ସେ ହତାଶ ଭାବରେ ଫେରି ଆସିଲେ । ମାତ୍ର ଏକାବେଳକେ ଭାଙ୍ଗି ପଡ଼ିଲେନି । ସଙ୍ଗେ ସଙ୍ଗେ ସେ ଆହୁରି ପରୀକ୍ଷା ନିରୀକ୍ଷା ଚଳାଇଲେ ।

ଦିନେ ରାତିରେ ସେ ପଢ଼ାପଢ଼ିରେ ବ୍ୟସ୍ତ ଥିଲାବେଳେ ହଠାତ୍ ତାଙ୍କର ତେଲ ଲ୍ୟାମ୍ପଟି ଧପ୍ ଧପ୍ ହୋଇ ଲିଭିଗଲା । ହାତରୁ ତାଙ୍କ କଲମଟି ତଳେ ପଡ଼ିଯିବାମାତ୍ରେ ସେ ଭାବିଲେ, ରାତିଯାକ ବସି ସେ ଯେଉଁସବୁ ଜିନିଷ ଆଙ୍କି ଥିଲେ, ସବୁ ନଷ୍ଟହୋଇ ଯାଇଥିବ । ସେ ଗୋଟିଏ ମହମବତି ଖୋଜିବାକୁ ବାହାରିଲାବେଳେ ଅନୁଭବକଲେ, ତାଙ୍କ ହାତଯାକ ଓଦା ଓଦା ଲାଗୁଛି । ବୋଧହୁଏ ଦୁଆତଟି ଇଡ଼ିଯାଇଛି । ମହମବତି ଲଗାଇ ଦେଖିଲେ, ସତକୁ ସତ ତାଙ୍କର ସମସ୍ତ ଡ୍ରଇଂ ନଷ୍ଟ ହୋଇଯାଇଛି । ବଡ଼ ବ୍ୟଥିତ ହୋଇପଡ଼ି ଶୋଇବାକୁ ଚାଲିଗଲେ ।

ମାତ୍ର ରାତିଯାକ ଶୋଇପାରିଲେ ନାହିଁ । ବହୁ ବର୍ଷ ତଳେ ତାଙ୍କ ଟିପଟ ଲ୍ୟାମ୍ପରୁ ଯେଉଁ ଧଳା ଆଲୁଅ ବାହାରୁଥିଲା, ସେହି କଥା ହିଁ ତାଙ୍କ ମୁଣ୍ଡକୁ ଘାରିବାରେ ଲାଗିଲା । ତାଙ୍କ କକାଙ୍କ କଥା ମଧ୍ୟ ମନେପଡ଼ିଲା । ସେ କହୁଥିଲେ, ପ୍ୟାରଟ କୋଇଲାର ଆଲୁଅ ଏହାଠୁ ଉଜ୍ଜ୍ୱଳ । ତାଙ୍କ ମନରେ ସେହିକଥା ଉଦୟ ହେଲା । ଭାବିଲେ କୋଇଲାରୁ ଆଲୁଅ ବାହାର କରିହେବ । ଉଜ୍ଜ୍ୱଳ ଦୀପ-ଶିଖା ଭଳି ଏହି ଭାବନା ତାଙ୍କ ମସ୍ତିଷ୍କରେ ଜଳିଉଠିଲା ।

ତା ଆରଦିନଯାକ ମନରେ ତାଙ୍କର କେବଳ ସେହି ଚିନ୍ତା । ସେଦିନ ସେ ଆଉ କାରଖାନାକୁ ନ ଯାଇ ଇତସ୍ତତଃ ବୁଲିବୁଲି

Digitized by srujanika@gmail.com

କଣବାପରେ ଦାଣ୍ଡରେ ଘରକୁ ଫେରି ଆସିଲେ ଏବଂ ଘରେ ଥିବା ଫାୟାରପ୍ଲେସ (ଜୁମେଇ) ପାଖରେ ବସି ଜଳୁଥିବା ନିଆଁକୁ ନିରୀକ୍ଷଣ କଲେ । ମଝିରେ ମଝିରେ କିଛି କିଛିଟା କୋଇଲାଗୁଣ୍ଡ ନେଇ ନିଆଁରେ ଦେଉଥାଆନ୍ତି, କିମିତି ଆଲୁଅ ବାହାରୁଛି ଦେଖୁଥାଆନ୍ତି । ତା' ପରେ ଖଣ୍ଡିଏ ଛୋଟ ଜଳନ୍ତା କୋଇଲାକୁ ଆଣି ତାଙ୍କ ପାଇପ ମୁହଁରେ ଦେଲେ । ପୁଣି ପାଇପଟିକୁ ବୁଲେଇ ତାର ପଛପଟେ ଆଉ ଏକ ଜଳନ୍ତା ନିଆଁ ଭର୍ତ୍ତି କଲେ । ଏ ନିଆଁ ଲାଗିଯିବା ମାତ୍ରେ ଦେଖାଗଲା, ଠିକ୍ ଏକ ସାପର ଜିଭ ଭଳି ଉଜ୍ଜ୍ୱଳ ଝଲକ ଦେଖାଗଲା । ସେ ଦେଖିଲେ, ଏହା ଭିତରେ ଥିବା ଗ୍ୟାସ ଜଳିଯିବା ମାତ୍ରେ ଏହା ଲହ ଲହ ଆସିଲା ।

ସଙ୍ଗେ ସଙ୍ଗେ ସେ ଧାଇଁଯାଇ ଘରେ ଥିବା ଅନ୍ୟମାନଙ୍କୁ ତାଙ୍କର ଏହି ନୂଆ ଆବିଷ୍କାର କଥା କହିଲେ । ଗ୍ୟାସବତୀ କଥା ତାଙ୍କ ମୁଣ୍ଡରେ ଢୁକିଲା । ସେ ମନେ ମନେ ସ୍ଥିର କରିନେଲେ ଯେ, ଏଣିକି ସମସ୍ତଙ୍କ ଘରେ ଗ୍ୟାସଲାଇଟ୍ ଜଳିବାର ସେ ବ୍ୟବସ୍ଥା କରିଦେଇ ପାରିବେ ।

ତା' ପରେ ଆରମ୍ଭ ହେଲା ତାଙ୍କର ପରୀକ୍ଷା ।

ମୁର୍ଡୋକଙ୍କ ସଫଳତାର ଅନ୍ୟ ଏକ କାରଣ ହେଉଛି ସେ ସହଜରେ ସନ୍ତୁଷ୍ଟ ହୋଇଯାଉ ନ ଥିଲେ କିମ୍ବା ବଡ଼ ଗୋଟାଏ ଜିନିଷ କରିଦେଇ ପାରିଲେ ବୋଲି ଗର୍ବରେ ଫୁଲିଉଠୁ ନ ଥିଲେ । ସେ ଦେଖିଲେ, ଖାଲି ଗ୍ୟାସ ଲାଇଟ୍ କରିଦେଲେ ହେବନି, ଏହା ତିଆରି କରିବା ଲାଗି ଯେତେ ଖର୍ଚ୍ଚ ହେବ ତାହା ଲୋକେ ଦେଇ ପାରିବେ କି ନାହିଁ, ଦେଖିବାକୁ ପଡ଼ିବ । ଲୋକ ଜାଣନ୍ତି ଯେ,

Digitized by srujanika@gmail.com

ମହମବତ୍ତି ଅପେକ୍ଷା କରୋସିନ ତେଲରେ ଜଳୁଥିବା ଘାପରୁ ଅଧିକ ଆଲୁଅ ମିଳୁଛି ତଥାପି ଲୋକେ ମହମବତ୍ତି ଜାଳୁଛନ୍ତି, କାରଣ ଏହା ତେଲ ଅପେକ୍ଷା ଅଧିକ ଶସ୍ତା । ତେଣୁ ଗ୍ୟାସଲାଇଟ୍ ଜଳେ ଯଦି ଏହା ଅଧିକ ଦାମ ହେବ, ଲୋକେ ପସନ୍ଦ କରିବେନି । ଏହି ଲାଇଟ ତିଆରି କରିବା ଲାଗି ଯେଉଁ ଯନ୍ତ୍ରପାତି ଲାଗିବ, ତାର ଖର୍ଚ୍ଚ ତ ଲୋକଙ୍କୁ ହିଁ ଦେବାକୁ ପଡ଼ିବ । ତେଣୁ ଗ୍ୟାସ ଲାଇଟର ଦାମକୁ ଏପରି ଧାର୍ଯ୍ୟ କରିବାକୁ ପଡ଼ିବ, ଯାହାଦ୍ୱାରା ଗରିବ ଓ ଧନୀ ଉଭୟେ ଉପକୃତ ହୋଇପାରିବେ ।

ତେଣୁ ମୁର୍ଡୋକ ସାହେବ ପ୍ରଥମେ ଶସ୍ତାରେ ମିଳୁଥିବା ଜାଳେଣି ଖୋଜିବା ଆରମ୍ଭ କଲେ । ସେ ଗାଁଗହଳ ଓ ପାହାଡ଼ିଆ ଅଞ୍ଚଳରେ ବୁଲିଲେ । କର୍ଣ୍ଣୱାଲର ବିଭିନ୍ନ ଖଣି ଅଞ୍ଚଳରେ ବୁଲିଲେ । ସେ ବିଭିନ୍ନ କାଠ, କୋଇଲା ଓ ଘସି ଆଦିକୁ ପରୀକ୍ଷା କରି ଦେଖିଲେ । ସେ ଆହୁରି ଟିକିଏ ଦୂରକୁ ଆଗେଇଗଲେ । ବର୍ମିଂହାମର ବ୍ଲାକକଣ୍ଟ୍ରୀ ଆଡ଼େ ଯାଇ କେତେକ କୋଇଲା ସଂଗ୍ରହ କରି ଆଣିଲେ । ଦେଶଟାଯାକର କିସମ କିସମ କୋଇଲାର ନମୁନା ଆସି ତାଙ୍କ ପାଖରେ ପହଞ୍ଚିଲା । ତାଙ୍କ ଘରେ ନିଜ ଯନ୍ତ୍ରପାତି ସାହାଯ୍ୟରେ ସେ ସବୁ କୋଇଲାକୁ ପରୀକ୍ଷା କଲେ । ସେ ଘୋଷଣା କଲେ ଯେ, ଦେଶ ଭିତରେ ପ୍ରଥମେ ତାଙ୍କ ଘରେ ଗ୍ୟାସ ଲାଇଟ ଜଳିବ ।

ଯେଉଁମାନେ ତାଙ୍କର ପ୍ରଥମ ବାଷ୍ପୀୟ ଗାଡ଼ିକୁ ଦେଖି ଡରି ଯାଇଥିଲେ, ସେମାନେ ପୁଣି ତାଙ୍କ ୱାର୍କସପରେ ହାତୁଡ଼ିର ବାଡ଼ିଆପିଟା ଶବ୍ଦ ଶୁଣି ଆଉଗୋଟେ ଯେପରି କ'ଣ ଜିନିଷ ତିଆରି ହେଉଛି ଭାବି ଭୟବ୍ୟସ୍ତ ହୋଇପଡ଼ିଲେ ।

Digitized by srujanika@gmail.com

ମୁର୍ଡୋକଙ୍କ ୱ୍ୟାର୍କସପ୍‌କୁ ଲୋକେ ଏକ ପାଗଳାଗାରର ଆଖ୍ୟା ଦେଲେ । ରାତ୍ରରେ ଏଠାରେ କାମ ଚାଲିଥିବାବେଳେ ଲୋକେ କୌତୂହଳୀ ହୋଇ ଚମଡ଼ା ପରଦାକୁ ଆଡ଼େଇ ଚାହିଁଲେ । ସେମାନେ ଦାଉ ଦାଉ ହୋଇ ଜଳୁଥିବା ଅଗ୍ନିଶିଖା ଦେଖି ଏବଂ ହାତୁଡ଼ି ମାଡ଼ ଶୁଣି ଭାବିଲେ ମୁର୍ଡୋକ କିଛି ଗୁଣିବିଦ୍ୟା ଜାଣିଛି । ଭୂତ ଡାହାଣୀଙ୍କ ସହିତ ରାତ୍ରିଦିନ ଦେଖୁଛି ।

ଥରେ ତାଙ୍କ ୱ୍ୟାର୍କସପ୍ ବାହାରେ କେତୋଟି ପିଲା ଖେଳୁଥିଲେ । ହଠାତ୍ ସେମାନଙ୍କ ଆଖିରେ ପଡ଼ିଲା, ଜଣେ ଭଦ୍ରଲୋକ ଗୋଟିଏ କ୍ୟାରେଜ ଭିତରୁ ବାହାରି ଭିତରେ ପଶିଲେ । ଲୋକଟା କିଏ, ଏଭଳି କ୍ୟାରେଜ କୁଆଡ଼ୁ ଆସିଲା ଜାଣିବା ଲାଗି କାରଖାନା ଭିତରେ ପଶିଲେ । ହଠାତ୍ ମୁର୍ଡୋକ ଘରଭିତରୁ ବାହାରି ଆସିବା ମାତ୍ରେ ପିଲାଗୁଡ଼ିକ ତାଙ୍କୁ ଦେଖି ଦୌଡ଼ି ପଳାଇଲେ । ମାତ୍ର ଜଣେ ରହିଗଲେ । ତାଙ୍କ ନାମ ଜାନ । ସେ ଭୟରେ ଥରୁଥାଆନ୍ତି, ତଥାପି ଠିଆହୋଇ ରହିଥାଆନ୍ତି । ମୁର୍ଡୋକ ତାଙ୍କୁ ଦେଖି ଟିକିଏ ହସିଲେ, ତାପରେ ତାଙ୍କୁ ପାଖକୁ ଡାକିଲେ ।

ପିଲାଟିକୁ କହିଲେ—ବାପା, ମୋର ଗୋଟିଏ କାମ କରି ପାରିବ ? ପଇସା ନେଇ ଗୋଟାଏ ପିଙ୍କା କିଣି ଆଣି ପାରିବ ?

ପିଲାଟି ପଇସା ନେଇ ସଙ୍ଗେ ସଙ୍ଗେ ଦୌଡ଼ିଗଲା । ଫେରିଲା-ବେଳକୁ ତାର ଡର ଛାଡ଼ିଯାଇଥିଲା । ତାର ଇଚ୍ଛା, କାରଖାନା ଭିତରେ ପଶି କ'ଣ ସବୁ ହେଉଛି ଦେଖନ୍ତା ।

ପିଙ୍କା ଆଣି ସାରିବା ପରେ ସେ ମୁର୍ଡୋକଙ୍କ କବାଟ ବାଡ଼େଇବା ମାତ୍ରେ ମୁର୍ଡୋକ ଘରୁ ବାହାରି ଆସି ପଚାରିଲେ, ଆଣିଛୁ ?

Digitized by srujanika@gmail.com

ପିଲାଟି ଦୋକାନରୁ ପିଙ୍କା ପାଇଲା ନାହିଁ ବୋଲି ଛଳନା କରି କହିବାକୁ ଗଲାବେଳେ ମୁର୍ଡୋକ ତା ପକେଟ ଭିତରୁ ପିଙ୍କାଟିକୁ ବାହାର କରି ସାରିଥିଲେ । ମୁର୍ଡୋକ ତା ଇଚ୍ଛା ପୂରଣ କରି କହିଲେ, ଆ କ'ଣ ହେଉଛି ଦେଖିବୁ । ତାନ୍ ଭିତରକୁ ଯାଇ ଦେଖିଲା, କେଟ୍‌ଲ ଦେହରେ କୋଇଲା ଭର୍ତ୍ତି ହୋଇଛି ଏବଂ ଏକ ସିଲିଣ୍ଡର ଦେହରେ ଗ୍ୟାସ ଜଳାଯାଉଛି ।

ମୁର୍ଡୋକ ଇତିମଧ୍ୟରେ ଧରିନେଇଛନ୍ତି ଯେ, ତାନ୍ ହେଉଛି ତାଙ୍କର ଜଣେ ବନ୍ଧୁ । ସେ ତାକୁ ନିଜର ସମସ୍ତ ପରୀକ୍ଷାକୁ ବୁଝାଇବାରେ ଲାଗିଲେ । କୋଇଲାରୁ କପରି ଗ୍ୟାସ୍ ତିଆରି ହେଉଛି, ଗ୍ୟାସ୍‌ରୁ କପରି ଲାଇଟ ଜଳୁଛି ସବୁ ବିଷୟ ଠିକ୍‌ଭାବେ ଭାବରେ ବୁଝାଇଲେ । ଏହା ଭିତରେ ତାନ୍ ଏକରକମ ଅନିଶ୍ୱାସୀ ହୋଇ ପଡ଼ିଲାଣି । ଖାସି ଖାସି, ଛିଙ୍କି ଛିଙ୍କି ସେ ବେଦମ୍ । କବାଟ ଖୋଲି ଦିଆଯିବା ମାତ୍ରେ ସେ ଆଖି ପିଛୁଳାକେ ଦୌଡ଼ି ପଳାଇଲା ।

ମୁର୍ଡୋକ ଏଥର ଧରିନେଲେ ଯେ ତାଙ୍କ ଗ୍ୟାସ୍‌ରେ କିଛିଟା ତ୍ରୁଟି ରହିଯାଉଛି । ତାଙ୍କର ସିନା ଅଭ୍ୟାସ ହୋଇଗଲାଣି ବୋଲି ଖାସ କିମ୍ବା ଛିଙ୍କ ହେଉନାହିଁ, ମାତ୍ର ଅନ୍ୟମାନଙ୍କ ପକ୍ଷରେ ତ ଏହା ଅସ୍ୱସ୍ତିକର ହେବ । ଦୁର୍ଗନ୍ଧ ଯୋଗୁଁ ଏପରି ହେଉଛି । ସେ ଦେଖିଲେ, ଗ୍ୟାସ୍‌କୁ ସେ ପାଣିଦେଇ ବାହାର କରିବାରେ ଦୁର୍ଗନ୍ଧ ହେଉଛି । ଏହା ଭଲ ନୁହେଁ, ନିତାନ୍ତ ଖରାପ । ଶେଷରେ ସେ କ୍ଲୁକ୍ ଲାଇମ୍ ବା ଚୂନପାଣି ଦେଇ ଗ୍ୟାସ୍‌କୁ ବାହାର କରିବାରେ ଆଗେ ଯେଉଁଭଳି ଦୁର୍ଗନ୍ଧ ହେଉଥିଲା, ସେତେ ହେଲାନି ।

ଇତିମଧ୍ୟରେ ତାଙ୍କ ଘରର ପ୍ରତ୍ୟେକ ରୁମ୍‌କୁ ଗ୍ୟାସ୍ ନେବାଲାଗି ପାଇପ୍ ତିଆରି କରିସାରିଥିଲେ । ତାଙ୍କ ଘରର

Digitized by srujanika@gmail.com

ବାଡ଼ବଗିଗୃରେ ଏକ ମେଟାଲ ସିଲେଣ୍ଡର, ଗ୍ୟାସ୍ ପ୍ରସ୍ତୁତ କରାଯାଇ ସେଠାରୁ ପାଇପ୍ ଜରିଆରେ ପ୍ରତ୍ୟେକ ରୁମ୍‌କୁ ନିଆଗଲା ।

ପରିଶେଷରେ ଆଲୁଅ ଜଳାଯିବା ବ୍ୟବସ୍ଥା ହେଲା । ତାଙ୍କର ବନ୍ଧୁମାନେ ସମବେତ ହେଲେ । ଆସ୍ତେ ଆସ୍ତେ ଗୋଟିକ ପରେ ଗୋଟିଏ ପ୍ଲଗ କଡ଼ାଗଲା । ସଙ୍ଗେ ସଙ୍ଗେ ଘରଗୁଡ଼ିକ ଉଜ୍ଜ୍ୱଳ ଆଲୋକରେ ଉଦ୍ଭାସିତ ହୋଇଉଠିଲା । ରାସ୍ତାରେ ଯାଉଥିବା ଲୋକେ ଘରଗୁଡ଼ିକରେ ଉଜ୍ଜ୍ୱଳ ଆଲୁଅ ଜଳୁଥିବା ଦେଖି ବିସ୍ମିତ ହୋଇପଡ଼ିଲେ । ସେମାନେ ଆଗରୁ ଜାଣିଥିଲେ ଯେ, ମୁର୍ଡୋକ କ'ଣ ଗୋଟାଏ ଜିନିଷ ଉଦ୍ଭାବନ କରିବାରେ ଲାଗିଛନ୍ତି । ମାତ୍ର ଏହି ଜିନିଷଟା ବୋଲି ସେମାନେ ଜାଣି ନ ଥିଲେ । ଏହି ଉଜ୍ଜ୍ୱଳ ଆଲୁଅ ଦେଖିବାକୁ ସେମାନଙ୍କ ଆଗ୍ରହ ବଢ଼ିଲା ।

ମୁର୍ଡୋକ ଏହି ଆଲୁଅକୁ ଦେଖି ଆନନ୍ଦରେ ନାଚି ଉଠିଲେ । ତାଙ୍କର ବହୁଦିନର ସ୍ୱପ୍ନ ସାର୍ଥକ ହେଲା । ପ୍ରତ୍ୟେକଙ୍କ ଘରେ ଶସ୍ତାରେ ଗ୍ୟାସ୍ ଲାଇଟ ଜଳାଯାଇ ପାରିବ ବୋଲି ତାଙ୍କର ବିଶ୍ୱାସ ଆସିଗଲା ।

ଏ ସମ୍ବାଦ ପ୍ରଥମେ ବର୍ମିଂହାମ୍‌କୁ କପରି ଯିବ, ସେଥିଲାଗି ସେ ବ୍ୟସ୍ତ ହୋଇପଡ଼ିଲେ ।

ଏହି କେତେମାସ ଭିତରେ ଓ୍ୟାଟଙ୍କ ବାଷ୍ପୀୟ ଇଞ୍ଜିନ ସମ୍ପର୍କରେ ବହୁ ଆଇନଗତ ଅସୁବିଧା ଦେଖାଦେଇଥିବା କଥା ମୁର୍ଡୋକ ଜାଣି ନ ଥିଲେ । ଏହି ଆଇନଗତ ଅସୁବିଧା ଯୋଗୁଁ ବୋଲ୍‌ଟନ ଓ ଓ୍ୟାଟ ଚିନ୍ତିତ ଥାଆନ୍ତି । ତା' ଭିତରେ ମୁର୍ଡୋକ ଯାଇ ତାଙ୍କର ଗ୍ୟାସ୍ ଲାଇଟ ଉଦ୍ଭାବନ କଥା କହିଲେ । ସେତେବେଳେ ବୋଲ୍‌ଟନ ଓ ଓ୍ୟାଟ ବିଶେଷ ଧ୍ୟାନ ଦେଲେ ନାହିଁ ।

Digitized by srujanika@gmail.com

ସେମାନେ ଭାବିଲେ ଯେ, ଗୋଟାଏ ଜିନିଷ ଉଦ୍ଭାବନ କରି ସେମାନେ ତାକୁ ଗ୍ଭଲୁ କରିବାକୁ ଯାଇ ଏତେ ଅସୁବିଧା ଭୋଗ କରୁଛନ୍ତି, ପୁଣି ମୁର୍ଦ୍ଦୋକଙ୍କ ଗ୍ୟାସ୍ ଲାଇଟକୁ ନେଇ ଯଦି ଲୋକଙ୍କ ପାଖରେ ହାଜର କରାଇବୁ ସେତେବେଳେ ଆହୁରି କ'ଣ ଅସୁବିଧା ଆସି ଯୁଟିଯାଇପାରେ । ଏ ଜଞ୍ଜାଳକୁ ମୁଣ୍ଡରେ ଭିଡ଼ି କରୁଛୁ କିଏ ?

ଓ୍ୟାଟ ମୁଣ୍ଡରେ ହାତଦେଇ କହିଲେ, ପରୀକ୍ଷା ନିରୀକ୍ଷା ପେଟେଣ୍ଟ ନମୁନା ଆଦି କରି କରି ଆମେ ଲୋକଙ୍କଠାରୁ ଗାଳି ଶୁଣିବା ସାର ହେଲାଣି । ମୁର୍ଦ୍ଦୋକଙ୍କୁ ଏକ ବାଷ୍ପୀୟ ଇଞ୍ଜିନକୁ ଦେଖାଇ କହିଲେ —ଦେଖ ମୁର୍ଦ୍ଦୋକ ଏହା ମୁର୍ଦ୍ଦାର ଭଳି ପଡ଼ିରହିଛି । ତିଆରି କଲି, ଅଥଚ ଲୋକେ ଏହାକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହଁନ୍ତି ।

ତଥାପି ମୁର୍ଦ୍ଦୋକ ହତାଶ ହୋଇ ପଡ଼ିଲେନି । ସେ ମଧ୍ୟ ତାଙ୍କ ପରୀକ୍ଷା ବିଷୟ ଏହି ଦୁଇ ମାଲିକଙ୍କୁ ବୁଝାଇବାକୁ ଲାଗିଲେ । ମୁର୍ଦ୍ଦୋକ କହିଲେ—ଆପଣମାନେ ଆଗ୍ରହ ପ୍ରକାଶ କରନ୍ତୁ ନକରନ୍ତୁ, ମାତ୍ର ମୁଁ ଯାହା କରିଚି ନିଶ୍ଚୟ କହିବି । କହିବାରେ ମତେ ଯଥେଷ୍ଟ ଆନନ୍ଦ ମିଳୁଚି । ତା'ଛଡ଼ା ମୁଁ ତ କେବଳ ଏ ଜିନିଷ ମୋ ପାଇଁ କରୁନାହିଁ, କୋଟି କୋଟି ଲୋକଙ୍କ ପାଇଁ କରୁଛି । ସେମାନେ ଆଜି ଗ୍ରହଣ ନ କଲେ ମଧ୍ୟ ଆସନ୍ତାକାଲି ନିଶ୍ଚୟ ଗ୍ରହଣ କରିବେ । ଶସ୍ତାରେ ଭଲ ଓ ବେଶୀ ଆଲୁଅ ପାଇବାକୁ କିଏ ନ ଗ୍ଭହିଁବ ? ପ୍ରଥମେ ପ୍ରଥମେ ଲୋକେ ଡରିବେ । ତା'ପରେ ସବୁ ଠିକ୍ ହୋଇଯିବ ।

ବୋଲ୍‌ଟନ ଓ ଓ୍ୟାଟ ଆଗ୍ରହ ପ୍ରକାଶ ନ କରିବା ଭଳି ଅଡ଼ୁଆ ତଡ଼ୁଆ ଭାବରେ ମୁର୍ଦ୍ଦୋକଙ୍କୁ କହୁଥାଆନ୍ତି ଯିନା,

Digitized by srujanika@gmail.com

ସେମାନେ ମନେମନେ ଖୁସି ହେଉଥାଆନ୍ତି । ସେମାନେ ଭାବୁଥାଆନ୍ତି, ଆମେ ଯାହାକୁ ସ୍ୱପ୍ନରେ ଦେଖିଥିଲୁ, ମୁର୍ଡୋକ ତାକୁ ସତ୍ୟରେ, ବାସ୍ତବରେ ପରିଣତ କରି ଦେଇଛନ୍ତି ।

ମୁର୍ଡୋକ ବରକ୍ଲିରେ କର୍ଣ୍ଣଓ୍ୱାଲକୁ ଫେରିଆସିଲେ । ସେତେବେଳକୁ ତାଙ୍କ ସ୍ତ୍ରୀ ମରିଯାଇଥାଆନ୍ତି । ଘରେ ସେ ଏକା । ମନେ ମନେ ଭାବିଲେ, ପ୍ରଥମେ ସେ ବାଷ୍ପୀୟ ଯାନ କଲେ, ତାହା କୌଣସି କାମ ଦେଲାନି, ଦ୍ୱିତୀୟରେ ସେ ଗ୍ୟାସ୍ ଲାଇଟ ବାହାର କଲେ । ତାହା ମଧ୍ୟ ତାଙ୍କର ଇଞ୍ଜିନିୟର ଗୁରୁମାନଙ୍କ ମନଃପୂତ ହେଲାନାହିଁ ।

ଦିନେ ସେ ତାଙ୍କ ଅଫିସକୁ ଆସିବାମାତ୍ରେ ଦେଖିଲେ, କେତେକ ଲୋକ ତାଙ୍କୁ ଅପେକ୍ଷା କରି ରହିଛନ୍ତି । ସମସ୍ତେ ତାଙ୍କର ବିରୋଧୀ ଲୋକ । ଏମାନଙ୍କ ମଧ୍ୟରେ ଥିଲେ ଅଧିକାଂଶ ଖଣିର କ୍ୟାପ୍ଟେନ । ଏମାନେ ହିଁ ଓ୍ୱାଟଙ୍କ ଇଞ୍ଜିନ ବିରୁଦ୍ଧରେ ଆନ୍ଦୋଳନ ଚଳାଇ ଆସୁଥିଲେ । ଓ୍ୱାଟଙ୍କ ଇଞ୍ଜିନ ବାହାରିବା ମାତ୍ରେ ଧ୍ୱଂସ କରିଦିଆଯିବା ଉଚିତ ବୋଲି ସ୍ଲୋଗାନ ଦେଉଥିଲେ ।

ଜଣେ ବୁଢ଼ା ବୟସର କ୍ୟାପ୍ଟେନ ପ୍ରଥମେ କହିବା ଆରମ୍ଭ କଲେ । କହିଲେ—ଆମେମାନେ ଆପଣଙ୍କ ବିରୁଦ୍ଧରେ ବହୁତ କିଛି କରିଛୁ । ସେଥିଲାଗି କ୍ଷମା ଚାହୁଁ ।

ମୁର୍ଡୋକ କହିଲେ—ମୋ ବିରୁଦ୍ଧରେ ଆପଣମାନେ ଲାଗିଥିଲେ ବୋଲି ତ ମୁଁ କେବେହେଲେ ଅଭିଯୋଗ କରିନି, ମୁଁ ସବୁବେଳେ ଆମ ମାଲିକଙ୍କ ସ୍ୱାର୍ଥକୁ ଜଗି ଆସିଛି । ସେଇଟା ମୋର କର୍ତ୍ତବ୍ୟ । ପ୍ରତ୍ୟେକ କାର୍ଯ୍ୟ ଯେ ସୁରୁଖୁରୁରେ ହୋଇଯିବ, ତାହା ନୁହେଁ । ବାଧାବିଘ୍ନ ନିଶ୍ଚୟ ଦେଖାଦେବ । ସେଥିଲାଗି ମୁଁ କେବେହେଲେ ଆପଣମାନଙ୍କୁ ଦାୟୀ କରିନି କମ୍ବା କରିବିନି ।

Digitized by srujanika@gmail.com

ବୁଢ଼ା ଜଣେକ କହିଲେ, ଯାହା ହେବାର ହୋଇଯାଇଛି । ପଛ କଥାକୁ ପାସୋର ପକାନ୍ତୁ । ଆମେମାନେ ବଡ଼ ବିପଦରେ ପଡ଼ିଛୁ । ଆମମାନଙ୍କ ଖଣିଗୁଡ଼ିକରେ ପାଣି ଭର୍ତ୍ତି ହୋଇଯାଉଛି । ଯେତେ ଚେଷ୍ଟା କଲେ ଯେ ସବୁ ପାଣିକୁ ବାହାର କରିବା ସମ୍ଭବ ହେଉନାହିଁ । ଆମର ଇଞ୍ଜିନିୟରଙ୍କ ବୁଦ୍ଧି ଆଉ ଖଟୁନାହିଁ । ଆମେ ଆପଣଙ୍କ ସାହାଯ୍ୟ ଚାହୁଁଛୁ । ନଚେତ୍ ସବୁ ଖଣି କାମ ବନ୍ଦ ହୋଇ-ଯିବ । ଆପଣ ଜଣେ ସୁଦକ୍ଷ ଇଞ୍ଜିନିୟର । ଏକଥା ଆମେ ଜାଣିଚୁ । ମାତ୍ର ଆଞ୍ଚଳିକ ଭାବର ବଶବର୍ତ୍ତୀ ହୋଇ ଆମେ ଆପଣଙ୍କ ଦକ୍ଷତାକୁ ସ୍ୱୀକାର କରୁ ନ ଥିଲୁ । ଏଣିକି ମୁଣ୍ଡ ନୁଆଁଇବାକୁ ବାଧ୍ୟ ହେଉଛୁ । ଆମେମାନେ ଆପଣଙ୍କୁ ବର୍ଷକୁ ୫ ଶହ ପାଉଣ୍ଡ ଦେବାକୁ ପ୍ରସ୍ତୁତ ।

ମୁର୍ଡୋକ କହିଲେ—ଏକଥା ସତ ଯେ, ମୁଁ ବୋଲ୍‌ଟନ ଓ ଓ୍ୟାଟଙ୍କ ଅଧୀନରେ ଆଉ କାମ କରିବିନ ।

ସଙ୍ଗେ ସଙ୍ଗେ ଜଣେ କ୍ୟାପ୍‌ଟେନ କହିଉଠିଲେ—ତାହାହେଲେ ଆମମାନଙ୍କ କାମ କରନ୍ତୁ ।

କିନ୍ତୁ ମୁର୍ଡୋକ ସେମାନଙ୍କୁ ଉତ୍ତର ଦେଲେ—ମୁଁ ମୋ ଘର ସ୍କଟଲଣ୍ଡକୁ ଫେରି ଯିବାକୁ ଚାହେଁ । ମୁଁ ଟିକିଏ 'ହୋମ୍‌ସିକ୍' ଘରମୁହାଁ ।

ମୁର୍ଡୋକ ସ୍କଟଲଣ୍ଡକୁ ଫେରିଆସିଲେ, ମାତ୍ର ସେଠାରେ ସେ ବେଶୀଦିନ ରହିପାରିଲେ ନାହିଁ । ସେ ଲକ୍ଷ୍ୟ କଲେ, ଏଠାର ଲୋକମାନେ କେବଳ ଗାଈ, ଗୋରୁ, ମେଣ୍ଢା, ସମୁଦ୍ର ପବନ ଆଦି ବିଷୟରେ ବେଶୀ ଚର୍ଚ୍ଚା କରିବାକୁ ଭଲ ପାଇଥାଆନ୍ତି, କିନ୍ତୁ ମୁର୍ଡୋକଙ୍କର ସେଥିରେ ଆଦୌ ଆଗ୍ରହ ନ ଥାଏ । ସେ ଚାହାନ୍ତି କାରଖାନାର ହାତୁଡ଼ି ଶବ୍ଦ, ଘୁଙ୍ଗାର ଶବ୍ଦ, ସାଇରନ ଇତ୍ୟାଦି । ଧୂଆଁ ଓ ତେଲ, କିରାସିନର ଗନ୍ଧ ତାଙ୍କୁ ଭଲ ଲାଗେ ।

Digitized by srujanika@gmail.com

ଏହିଭଳି ଭାବରେ ଘରବରରେ ବାରଟି ମାସ ଅତିବାହିତ ହୋଇଗଲା ।

ପୁଣି ତାଙ୍କର ମାଥ୍ୟୁ ବୋଲ୍‌ଟନ ଓ ଜେମ୍‌ସ ଓ୍ୟାଟଙ୍କ କଥା କହେପଡ଼ିଲା । ଜେମ୍‌ସ ଓ୍ୟାଟ ସେତେବେଳେ ଭୀଷଣ ମୁଣ୍ଡବ୍ୟଥା ରୋଗ ଭୋଗୁଥାଆନ୍ତି । ବୋଲ୍‌ଟନ ବୁଢ଼ା ହୋଇ ଆସିଥାଆନ୍ତି । ଦୁହିଙ୍କର ବଡ଼ ଚିନ୍ତା ସୋହୋରେ ତାଙ୍କ କାରଖାନା ଚାଲିବ କପରି ?

ହଠାତ୍ ଦିନେ ବୋଲ୍‌ଟନଙ୍କ ପାଖରୁ ଖଣ୍ଡିଏ ଚିଠି ପହଞ୍ଚିଲା । ଲେଖା ହୋଇଛି ମୁର୍ଡୋକଙ୍କ ନିକଟକୁ । ସେମାନଙ୍କ ପ୍ରସ୍ତାବ ହେଉଛି, ମୁର୍ଡୋକ ସୋହୋ କାରଖାନାର ମ୍ୟାନେଜର ହୋଇ ଆସନ୍ତୁ । ବର୍ଷକୁ ଦରମାହାରି ଏକ ହଜାର ପାଉଣ୍ଡ ।

ମୁର୍ଡୋକ ଖୁସି ହୋଇ ଉଠିଲେ ।

ବୋଲ୍‌ଟନଙ୍କ ପାଖରେ ପହଞ୍ଚି ମୁର୍ଡୋକ ପ୍ରଥମେ କହିଲେ— ମୁଁ କାରଖାନାର କଳେବରକୁ ବୃଦ୍ଧି କରିବାକୁ ଚାହେଁ । କେବଳ ପମ୍ପ ଇଞ୍ଜିନ ତିଆରି କଲେ ଚଳିବନି । ମୁଁ ଏହା ସାଙ୍ଗକୁ ଏକ ଗ୍ୟାସ୍-ଲାଇଟ କାରଖାନା ମଧ୍ୟ କରିବାକୁ ଚାହେଁ ।

ବୋଲ୍‌ଟନ ପ୍ରଥମେ ହଁ କି ନାହିଁ କିଛି କହିପାରିଲେ ନାହିଁ । ପରେ ବହୁ ଚିନ୍ତା କରି କହିଲେ—ତୁମର ଇଚ୍ଛା ଯାହା କରୁଚ କର ।

ତିଆରି ହେଲା ଗ୍ୟାସ୍ ଲାଇଟ କାରଖାନା ।

ଏହି କାରଖାନାରେ ପ୍ରତିଦିନ ନୂତନ ପରୀକ୍ଷା ଚାଲିଲା । କପରି ପରିଷ୍କାର ଗ୍ୟାସ୍ ଲାଇଟ ମିଳିପାରିବ, ସେ ସମ୍ପର୍କରେ ନାନା ଗବେଷଣା ଚାଲିଲା । ଗ୍ୟାସ୍ ଓ୍ୟାସିଂ ମେସିନ, ପରିଷ୍କରଣ ବା

Digitized by srujanika@gmail.com

ପ୍ୟୁରିଫିକେସନ ମେସିନ ଆବିଷ୍କାର କରାଗଲା । ଏଥିଲାଗି ମୁର୍ଡୋକଙ୍କୁ ବହୁ ରାତି ଉଜାଗର ରହିବାକୁ ପଡ଼ିଲା ।

ସୋହୋ କାରଖାନାରୁ ଯେପରି ସର୍ବୋତ୍କୃଷ୍ଟ ଗ୍ୟାସ୍, ଜାଳେଣି, ପାଇପ ଓ ବର୍ଣ୍ଣରଆଦି ଉତ୍ପାଦିତ ହୋଇପାରିବ, ସେଥିପ୍ରତି ମୁର୍ଡୋକ ଦୃଷ୍ଟି ଦେଲେ । ଏଥିଲାଗି ତାଙ୍କୁ ବହୁ ବିଫଳତା, ବହୁ ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡ଼ିଲା । ତଥାପି ସେ ଆଗେଇ ଚାଲିଲେ । ଅବିରାମ ଗତି । ଥରେ ବିଫଳ ହେଲେ ପୁଣି ଥରେ ପରୀକ୍ଷା, ପୁଣି ଥରେ ଉଦ୍ୟମ । ସନ୍ତୁଷ୍ଟ ହେବା ପର୍ଯ୍ୟନ୍ତ ପରୀକ୍ଷା ଚାଲେ ।

ଥରେ ବୋଲ୍‌ଟନ ସାହେବ ନୀରବରେ ବସିଛନ୍ତି, ହଠାତ୍ ଉଇଲିୟମ୍ ମୁର୍ଡୋକ ତାଙ୍କ ଘର ଭିତରକୁ ପଶିଆସି କହିଲେ, "ଏଥର ମୁଁ ପ୍ରସ୍ତୁତ ?"

ବୋଲ୍‌ଟନ ପଚାରିଲେ, ତା ମାନେ ?

ମୁର୍ଡୋକ କହିଲେ, ମୁଁ ଜନସାଧାରଣରେ ଗ୍ୟାସ ଲାଇଟ କ'ଣ ଦେଖାଇ ଦେବାକୁ ଚାହେଁ । ଲୋକେ ମୋତେ ନାନା ପ୍ରଶ୍ନ କରିବେ, ମୁଁ ତାର ଉତ୍ତରଦେବି । ସେମାନଙ୍କୁ ଜଣାଇ ଦେବି ଯେ, କିରୋସିନ ଲାଇଟ ଅପେକ୍ଷା ଗ୍ୟାସ ଲାଇଟ ଶସ୍ତା ଓ ସୁନ୍ଦର ।

ସେତେବେଳେ ଇଂଲଣ୍ଡ ସହିତ ଫ୍ରାନ୍ସର ଯୁଦ୍ଧ ଚାଲିଥାଏ । ହଠାତ୍ ୧୮୦୨ ଖ୍ରୀଷ୍ଟାବ୍ଦରେ ଏମିନଠାରେ ନେପୋଲିୟନଙ୍କ ସହିତ ଶାନ୍ତି ଚୁକ୍ତି ହେଲା । ମୁର୍ଡୋକ ଜାଣିପାରିଲେ ଯେ, ଏ ଶାନ୍ତି ଚୁକ୍ତି କ୍ଷଣସ୍ଥାୟୀ । ଯାହାହେଉ ଏହି ଶାନ୍ତି ସମୟରେ ହିଁ ସେ ପୃଥିବୀକୁ ତାଙ୍କ ଗ୍ୟାସ ଲାଇଟର ଖବର ଜଣାଇଦେବେ । ବୋଲ୍‌ଟନ ଓ ଓ୍ୱାଟ ଗ୍ୟାସ-ଲାଇଟ ଉଦ୍ଭାବନର ବିଜୟ ପତାକା ଉଡ଼ାଇବେ ।

Digitized by srujanika@gmail.com

ଗୋଟିଏ କୋଠାଘର ଉପରେ ଧାଡ଼ି ଧାଡ଼ି କରି ତେଲ ବା କରୋସିନ ଦୀପ ଜଳାଗଲା । ଅନ୍ୟ ପାଖରେ ରଖାଗଲା ଗ୍ୟାସଲାଇଟ । ଲୋକ ଜମା ହେଲେ । ମୁର୍ଡୋକ ଆଜି ଗୋଟାଏ ଯାଦୁଖେଳ ଦେଖାଇବେ ବୋଲି ସମସ୍ତଙ୍କ ମନରେ ତୀବ୍ର କୌତୂହଳ ଓ ଉତ୍ସୁକତା । ସୂର୍ଯ୍ୟାସ୍ତ ପରେ କ୍ରମଶଃ ଅନ୍ଧାର ହୋଇଆସିଲା । କରୋସିନ ଲ୍ୟାମ୍ପ୍ ଗୁଡ଼ିକ ଜଳାଗଲା । ତା ସାଙ୍ଗକୁ ଗ୍ୟାସ ଲାଇଟ । ଗ୍ୟାସ ଲାଇଟ ଆଗରେ ତେଲ ଦୀପଗୁଡ଼ିକ ଜୁଳୁଜୁଳିଆ ପୋକ ଭଳି ଦେଖାଗଲା ।

ଏହି ଗ୍ୟାସ ଲାଇଟ ମଝିରେ ଅବତୀର୍ଣ୍ଣ ହେଲେ ବୋଲ୍‌ଟନ, ଜେମ୍‌ସ ଓ୍ୟାଟ୍ ଓ ମୁର୍ଡୋକ । ଚାରିଆଡ଼େ ଜୟ ଜୟକାର, ଆନନ୍ଦ ଉଲ୍ଲାସ । ବର୍ମିଂହାମର ଘରେ ଘରେ ଏହି ଗ୍ୟାସଲାଇଟର ଆଲୋଚନା । ଜେମ୍‌ସ ଓ୍ୟାଟ ଉଇଲିୟମ ମୁର୍ଡୋକଙ୍କ କାନ୍ଧରେ ହାତ ପକାଇ କହିଲେ, ବେଶ୍ ବଢ଼ିଆ ହୋଇଛି । ଯାହାହେଉ ସ୍କଟଲଣ୍ଡର ନାଁ ରଖିଲ ।

୧୮୦୪ ରେ ଏମିନ ଶାନ୍ତିଚୁକ୍ତିର ଦୁଇବର୍ଷ ପରେ ମିଷ୍ଟର ଜର୍ଜ ଲି ନିଜେ ସୋହୋ କାରଖାନାକୁ ଯାଇ ମୁର୍ଡୋକଙ୍କ ସହିତ ସାକ୍ଷାତ କଲେ । ସେତେବେଳେ ଜର୍ଜ ଲି ଥିଲେ ମାଞ୍ଚେଷ୍ଟରର ଲୁଗା-କାରଖାନାର ସବୁଠାରୁ ବଡ଼ ଶିଳ୍ପପତି । ଫିଲିପ୍‌ସ ଓ ଲି କମ୍ପାନିର ଜଣେ ମୁଖ୍ୟ ଅଂଶୀଦାର ।

ଜର୍ଜ ଲି ଆଗରୁ ସୋହୋ କାରଖାନାରେ ଗ୍ୟାସ ଲାଇଟ ତିଆରି ହେଉଥିବା କଥା ଶୁଣିଥିଲେ । ତେଣୁ ସେ ନିଜ ଆଖିରେ ଯାଇ ଦେଖିବାକୁ ଆଗ୍ରହୀ ଥିଲେ । ସେ ଗ୍ୟାସ ଲାଇଟକୁ ଦେଖି ଏତେ ଖୁସି ହୋଇଗଲେ ଯେ, ସଙ୍ଗେ ସଙ୍ଗେ ଅର୍ଡ଼ର ଦେଇଗଲେ ତାଙ୍କ ନିଜ ଘରେ ଏହି ଲାଇଟ ଜଳିବ । ଯଦି ଘରେ ଏହି ଲାଇଟ

Digitized by srujanika@gmail.com

ଭଲ ଭାବରେ ଜଳେ, ତାହାହେଲେ ତାଙ୍କ ସମଗ୍ର ଲୁଗା କଳରେ ଏହି ଲାଇଟ ଖଞ୍ଜିବା ପାଇଁ ଅର୍ଡ଼ର ଦେବେ ।

ବରାଦ ରହିଲା । ଉଇଲିୟମ ମୁର୍ଡୋକ ନିଜେ ତାଙ୍କ ଲୋକଙ୍କୁ ଧରି ଜର୍ଜ ଲିଙ୍କ ଘରକୁ ଯାଇ ଗ୍ୟାସ ଲାଇଟ ଖଞ୍ଜିଦେଲେ । ଲି ସାହେବ ଭାରି ଖୁସି । ୧୮୦୭ ରେ ସେ ଅର୍ଡ଼ର ଦେଲେ, ତାଙ୍କର ସମଗ୍ର ଲୁଗା କାରଖାନାରେ ଗ୍ୟାସ ଲାଇଟ ଖଞ୍ଜାଯିବ ।

ବର୍ଷକ ପରେ ଲି ସାହେବ ଖଣ୍ଡିଏ ଚିଠି ପାଇଲେ । ଚିଠି ଲେଖିଥିଲେ ଫେଡ଼ରିକ ଉଇନ୍‌ସର । ଚିଠି ସହିତ ଥିଲା ଏକ ଛୋଟ ପାମ୍ପଲେଟ୍ । ସେ ଲେଖିଥିଲେ, "ମୁଁ ଶୁଣିଛି, ଆପଣଙ୍କ ଫିଲିପ୍‌ସ ଆଣ୍ଡ୍' ଲି କମ୍ପାନୀର ଶିଳ୍ପ ପ୍ରତିଷ୍ଠାନର ଘରଗୁଡ଼ିକରେ ଗ୍ୟାସ ଲାଇଟ ଜଳୁଛି । ମୁଁ ଏକ ଗ୍ୟାସ ତିଆରି କାରଖାନା ବସାଇବାପାଇଁ ଯାଉଛି । ଏ ଦିଗରେ କିଏ ମତେ ସାହାଯ୍ୟ କରିପାରିବ, ସେଭଳି ଜଣେ ଲୋକ ଯୋଗାଇ ପାରିବେ କି ?"

ଲି ସାହେବ ପାମ୍ପଲେଟକୁ ମୂଳରୁ ଶେଷଯାଏ ମନଯୋଗ ଦେଇ ପଢ଼ିଲେ । ଦେଖିଲେ, ସେଥିରେ ଅନେକଙ୍କ ନାଁ ଅଛି ଅଥଚ ପ୍ରକୃତରେ ଗ୍ୟାସ ଲାଇଟର ଯିଏ ଆବିଷ୍କାରକ ସେହି ମୁର୍ଡୋକଙ୍କ ନାଁ ନାହିଁ । ପ୍ରଥମେ ସେ ଆଶ୍ଚର୍ଯ୍ୟ ହୋଇପଡ଼ିଲେ । ପରେ ମନେ ମନେ ଭାରି ହସିଲେ । ଭାବିଲେ, ଗୋଟାଏ ଲୋକ ଗ୍ୟାସ ତିଆରି କାରଖାନା ବସାଇବାକୁ ଯାଉଛି, ଅଥଚ ଯିଏ ତିଆରି କଲା ତାକୁ ଏପର୍ଯ୍ୟନ୍ତ ଜାଣେନା । ଏହାଠୁ ବଳି ବିସ୍ମୟ ଆଉ କ'ଣ ଥାଇପାରେ ?

ପାମ୍ପଲେଟକୁ ଆଉଥରେ ପଢ଼ିଲେ । ସେଥିରେ ଅଦ୍ଭୁତ କଥା ଲେଖା ଅଛି । ଲେଖା ଅଛି ଯେ, ପ୍ରସ୍ତାବିତ କମ୍ପାନୀର ନାମକରଣ

Digitized by srujanika@gmail.com

ହେବ । "ନ୍ୟାସନାଲ ଲାଇଟ ଆଣ୍ଡ୍ ହିଟ କମ୍ପାନୀ ।" ଯିଏ ପାଞ୍ଚ ପାଉଣ୍ଡ ଅଂଶ ଭାବରେ ଦେବ, ସେ କେବଳ ସୁଧ ଆକାରରେ ପାଞ୍ଚଶହ ପାଉଣ୍ଡ ପାଇବ । ସରକାରଙ୍କ ଦ୍ୱାରା ଯେଉଁ କୋଇଲା ଯୋଗାଣ ବ୍ୟବସ୍ଥା ହେବ, ତା ଫଳରେ ସରକାର କୋଟିଏ ପାଉଣ୍ଡ ପାଇବେ । କମ୍ପାନୀ ଏତେ ଲାଭ କରିବ ଯେ, ଏଥିରୁ ଗୋଟିଏ ଅଂଶ ସାହାଯ୍ୟ ପାଣ୍ଠିକୁ ଯିବ । ବର୍ଷକୁ ଏଥିରୁ ୨୦ କୋଟି ଟଙ୍କା ଲାଭ ହେବ ।

ଲି ସାହେବ ଆହୁରି ହସି ଉଠିଲେ । ଭାବିଲେ ଇଏ ଏକ ଭଣ୍ଡାମି । ତାଙ୍କର ମନେପଡ଼ିଲା ୧୮୦୫ ଜୁନ ୪ ତାରିଖରେ ଲଣ୍ଡନର ପାଲମଲଠାରେ ଜର୍ମାନ ମୋରାଭିଆନ ନାମକ ଜଣେ ଲୋକ ସମ୍ରାଟଙ୍କ ଜନ୍ମଦିନରେ ଗ୍ୟାସ ଲାଇଟର ଏକ ପ୍ରଦର୍ଶନୀ କରିଥିଲେ । ଏକଥା ଏକ ମାସିକ ପତ୍ରିକାରେ ପ୍ରକାଶ ପାଇଥିଲା ।

ଲି ସାହେବ ମୁର୍ଡୋକଙ୍କୁ ପତ୍ରିକାରେ ପ୍ରକାଶିତ ବିବରଣୀ ପଢ଼ାଇବାରେ ମୁର୍ଡୋକ ଅବାକ୍ ହୋଇଗଲେ । ସେ ଏ ପର୍ଯ୍ୟନ୍ତ ଭାବିଥିଲେ, ତାଙ୍କ ବ୍ୟତୀତ ଦେଶରେ ଆଗରୁ କେହି ଗ୍ୟାସ ଲାଇଟ ବାହାର କରି ନାହାନ୍ତି । ବଡ଼ ଅଡୁଆରେ ପଡ଼ିଲେ ସେ । ତାଙ୍କର ଯେଉଁ ଖ୍ୟାତି ହୋଇଛି, ତାହା ଧୂଳିସାତ୍ ହୋଇଯିବ । ସମସ୍ତ ପରିଶ୍ରମ ପଣ୍ଡ ହୋଇଯିବ ।

ଓ୍ୱିନ୍ସରଙ୍କ ନୂଆ କମ୍ପାନୀକୁ ଅନୁମତି ଦେବା ସକାଶେ ଏକ ବିଲ୍ ପାର୍ଲିଆମେଣ୍ଟରେ ଆଗତ ହେବା କଥା । ମୁର୍ଡୋକ ଭାବିଲେ, ଏହି ବିଲ୍ ଆଗତ ହେବା ପୂର୍ବରୁ ସେ ଲଢ଼ିବେ । ସେତେବେଳେ ଲଣ୍ଡନର ଲୋକେ ମଧ୍ୟ ଗ୍ୟାସଲାଇଟ କଥା ଶୁଣିବାମାତ୍ରେ ହସୁଥିଲେ ।

Digitized by srujanika@gmail.com

ଓ୍ୱିନ୍‌ସରଙ୍କ ଗ୍ୟାସଲାଇଟ କମ୍ପାନୀ ପ୍ରସ୍ତାବକୁ ଲୋକେ ଯେପରି ହସରେ ଉଡ଼ାଇ ଦେଲେ, ସେହିଭଳି ମୁର୍ଡୋକଙ୍କ ଦାବୀକୁ ମଧ୍ୟ ହସରେ ଉଡ଼ାଇଦେଲେ । ସାର ଓ୍ୱାଲଟର ସ୍କଟ, ହାଂଫ୍ରି ଡାଭିଙ୍କ ଭଳି ବୈଜ୍ଞାନିକମାନେ ମଧ୍ୟ ପରିହାସ କଲେ । ବାଟଘାଟରେ ପିଲାଏ ପରିହାସ କରି ଗୀତ ବୋଲିଲେ ।

ମୁର୍ଡୋକ ଯେତେବେଳେ କାଠ ଅଡ଼ାରେ ଠିଆ ହୋଇ କହିଲେ ଯେ, ସେ ସମଗ୍ର ଲଣ୍ଡନ ସହରର ଅଧିକାଂଶ ସବୁଆଡ଼ ଗ୍ୟାସ ଲାଇଟରେ ଆଲୋକିତ କରି ଦେଇପାରିବେ, ଚନ୍ଦ୍ରକିରଣଠୁ ବଳି ଏହା ଉଜ୍ଜ୍ୱଳ ଦେଖାଯିବ, ସେତେବେଳେ ଲୋକେ ଠୋ ଠୋ ହସିଲେ । ମୁର୍ଡୋକ ଶକ୍ତି ସଞ୍ଚୟ କରି କହିଲେ—ଯେ କୌଣସି ପ୍ରଶ୍ନ ପଚାରିପାର ମୁଁ ଉତ୍ତର ଦେବାକୁ ପ୍ରସ୍ତୁତ ।

ପାର୍ଲିଆମେଣ୍ଟ କମିଟିର ସଭ୍ୟମାନଙ୍କ ଭିତରୁ ଜଣେ ପଚାରିଲେ—ବିନା ବତିରେ ଆଲୁଅ ଜାଳି ଦେଇ ପାରିବ ?

ମୁର୍ଡୋକ ବଜ୍ରଗମ୍ଭୀର ସ୍ୱରରେ କହିଲେ—ପାରିବି କ'ଣ ଜାଳିଦେଇ ସାରିଲିଣି ।

ତଥାପି ଲୋକଙ୍କର ବିଶ୍ୱାସ ହେଲା ନାହିଁ ।

ସେତେବେଳକୁ ଜେମ୍‌ସ ଓ୍ୱାଟ ବୁଢା ହୋଇ ଆସିଥାଆନ୍ତି । ସମଗ୍ର ଇଂଲଣ୍ଡରେ ତାଙ୍କର ସୁନାମ । ବାଷ୍ପୀୟ ଇଞ୍ଜିନ ଆବିଷ୍କର୍ତ୍ତା ହିସାବରେ ଘରେ ଘରେ ତାଙ୍କର ସୁନାମ । ସେ ଆଗେଇ ଆସିଲେ ମୁର୍ଡୋକଙ୍କୁ ସାହାଯ୍ୟ କରିବାପାଇଁ । କମିଟି ସଭ୍ୟମାନଙ୍କ ସାମନାରେ କାଠ ଅଡ଼ାରେ ଠିଆହୋଇ କହିଲେ—ମୁର୍ଡୋକ ଠିକ୍ କଥା କହୁଛନ୍ତି । ମୁଁ ଜାଣେ, ସେ ହେଉଛନ୍ତି ଗ୍ୟାସ ଲାଇଟର ଆବିଷ୍କର୍ତ୍ତା । ମୁଁ ମଧ୍ୟ ତାଙ୍କୁ ତାଙ୍କ ଗବେଷଣା ଓ ପରୀକ୍ଷାରେ

Digitized by srujanika@gmail.com

ସାହାଯ୍ୟ କରିଛି । ଗ୍ୟାସ ସାହାଯ୍ୟରେ ଆଲୁଅ ଜଳିପାରେ, ଏ କଥା ସେ ପ୍ରମାଣିତ କରି ପାରିଛନ୍ତି ।

ସମସ୍ତଙ୍କ ମୁଣ୍ଡ ତଳକୁ ନଇଁ ଆସିଲା ।

ବହୁକାଳ ପରେ ଉଇଲିୟମ୍ ରୟାଲ ସୋସାଇଟି ଦ୍ୱାରା ଗ୍ୟାସ ଲାଇଟର ଆବିଷ୍କର୍ତ୍ତା ଭାବରେ ସ୍ୱୀକୃତ ଓ ସମ୍ମାନିତ ହେଲେ । ସେତିକି ନୁହଁ, ସେ ହେଉଛନ୍ତି ପ୍ରଥମ ଲୋକୋମୋଟିଭର ଉଦ୍ଭାବକ ।

ବାବିଲୟାନ, ପର୍ସିଆନ ଓ ଆସିରିଆନମାନେ ତାଙ୍କୁ ଭଗବାନଙ୍କ ପ୍ରେରିତ ଜଣେ ଐଶ୍ୱରିକ ବ୍ୟକ୍ତି ଭାବରେ ପୂଜାକଲେ । ୧୮୩୯ ରେ ସେ ପରଲୋକଗମନ କରିବା ପରେ ସୋହୋ କାରଖାନାର ପରିସର ମଧ୍ୟରେ ମାଥ୍ୟୁ ବୋଲ୍ଟନ ଓ ଜେମ୍ସ ଓ୍ୟାଟଙ୍କ ସମାଧି ନିକଟରେ ତାଙ୍କୁ ସମାଧିସ୍ଥ କରାଗଲା ।

Digitized by srujanika@gmail.com